## ବସ୍ ଦୁର୍ଘଟଣାଗ୍ରସ୍ତ, ୧୦ ଯାତ୍ରୀ ଆହତ

କୁଆଁରମୁଣ୍ଡା,(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ବୁଟିଆଟୋଲି ନିକଟରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟାରେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ବସ୍ଥ ଏକ ଇଟା ପାଚେରୀକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ରେ ଥିବା ୬୦ରୁ ଊର୍ଦ୍ଧ୍ବ ଯାତ୍ରୀଙ୍କ ମଧ୍ୟରୁ ୧୦ରୁ ଊର୍ଦ୍ଧ୍ବ ଆହତ ହୋଇଥିବା ବେଳେ ୩ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ଖବରପାଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସ୍‌କୁ ଜବତ କରିବା ସହ ସମସ୍ତ ଆହତଙ୍କୁ ଚିକିତ୍ସା ନିମନ୍ତେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାରେ ପାଚେରୀ ଭାଙ୍ଗିଥିବା ଘରର ମାଲିକ ପୁନିଆ ଏକ୍କା(୬୫) ନାମ୍ନୀ ଜଣେ ବୃଦ୍ଧା ଆହତ ହୋଇ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ବସଟି ରାଉରକେଲାରୁ ବାରମିତ୍ରପୁର ଅଭିମୁଖେ ଯାଉଥିଲା।

## ସଂକ୍ଷେପରେ

### ଜୁନିୟର ରେଡକ୍ରସ ପରାମର୍ଶଦାତା ଶିବିର ପ୍ରସ୍ତୁତି ବୈଠକ

**କୁତ୍ରା, ୬।୩ (ଡି.ଏନ.ଏ):** କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନଗାରରେ ଶନିବାର ସୁନ୍ଦରଗଡ ଜିଲା ଜୁନିୟର ରେଡକ୍ରସ ପରାମର୍ଶଦାତା ତାଲିମ ଶିବିର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନଶିକ୍ଷକ ନଳିନୀକାନ୍ତ ଶାସନୀ ଏଥିରେ ଅଧକ୍ଷତା କରିଥିଲେ। ସୁନ୍ଦରଗଡ଼ ଜିଲା ଭାରପ୍ରାପ୍ତ ଆଇପି ତଥା ଜୁନିୟର ରେଡକ୍ରସ ସମ୍ପାଦିକା ସଂଯୁକ୍ତା ବହିଦାର, ରାଜ୍ୟ ଜୁନିୟର ରେଡକ୍ରସ ସାଧନ କର୍ମୀ ଗିରିଜାଶଙ୍କର ପଟେଲ, ଜେଆରସିଓ ଅନୀଲ ପାଣିଗ୍ରାହୀ, କ୍ରୀଡା ଶିକ୍ଷକ ଚନ୍ଦ୍ରଶେଖର ସାହୁ, ବିଶ୍ୱରଞ୍ଜନ ପୁରୋହିତ, ଦୀପିକା କେରକେଟା ପ୍ରମୁଖ ଉପସ୍ଥିତ ଥିଲେ। ସୁନ୍ଦରଗଡ଼ ଜିଲା ଜୁନିୟର ରେଡକ୍ରସ ଯୁଗ୍ମ ସମ୍ପାଦକ ବିଭୀଷଣ ବାରିକ ଆରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପରେ ଉପସ୍ଥିତ ସଦସ୍ୟ ୫ ଦିନାତ୍ମକ ଶିବିରର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଭାରତୀୟ ରେଡକ୍ରସ ସୋସାଇଟି ଓଡିଶା ଶାଖା ଆନୁକୂଲ୍ୟରେ ଏହି ଶିବିର ଆସନ୍ତା ୧୨ରୁ ଆରମ୍ଭ ହୋଇ ୧୬ରେ ଉଦଯାପିତ ହେବାର କାର୍ଯ୍ୟକ୍ରମ ରହିଛି।

### ୪ କଂଗ୍ରେସ କର୍ମୀ ଦଳରୁ ନିଲମ୍ବିତ

**ରାଉରକେଲା ଅଫିସ, ୬। ୩:** ଦଳୀୟ ଶୃଙ୍ଖଳା ବିରୋଧି କାର୍ଯ୍ୟର ଲିପ୍ତ ରହି ଦଳକୁ ସାଧାରଣରେ ନିନ୍ଦିତ କରାଇଥିବା ୪ ଜଣ କଂଗ୍ରେସ କର୍ମୀଙ୍କୁ ସଭାପତି ଜର୍ଜ ତିର୍କୀ ନିଲମ୍ବିତ କରିଛନ୍ତି। ଏମାନେ ହେଲେ ଇଜାଜ ଅଖତର, ବାସୁଦେବ ବାନାର୍ଜୀ, ବିଜୟ ଶଙ୍କର ପୁରୋହିତ ଓ ରଘୁନାଥ ପ୍ରଧାନ। ଏମାନଙ୍କୁ କଂଗ୍ରେସ ଦଳରୁ ୬ ବର୍ଷ ପାଇଁ ନିଲମ୍ବନ କରାଯାଇଛି । ଏନେଇ ଦଳ ପକ୍ଷରୁ କୁହାଯାଇଛି ଯେ, ଗତ ଫେବୃୟାରୀ ୧୬ ତାରିଖ ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତକୁ ବିରୋଧ କରି ଜିଲା କଂଗ୍ରେସ ବିଶ୍ରା ଛକରେ ଧୋକା ଦିବସ ପାଳନ କରୁଥିଲା। ସେହି ସ୍ଥାନରେ ଆଉ ଏକ ସମାନ୍ତରାଳ କାର୍ଯ୍ୟକ୍ରମରେ ଜିଲା କଂଗ୍ରେସର ସମ୍ପୃକ୍ତ କର୍ମୀ ସାମିଲ ହୋଇ ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିଲେ। ଏଥିରେ ସକ୍ରିୟ ଭୂମିକା ଗ୍ରହଣ କରି ଦଳୀୟ ଶୃଙ୍ଖଳା ଭଙ୍ଗ କରିବା ସହିତ ସାଧାରଣରେ ଦଳର ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଇଥିଲେ। ସେମାନଙ୍କର ଏହି ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଜିଲା କଂଗ୍ରେସ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା । କିନ୍ତୁ ସେମାନେ ନୋଟିସର ଯେଉଁ ଉତ୍ତର ଦେଇଥିଲେ ତାହା ଆଦୌ ସନ୍ତୋଷଜନକ ନ ହେବାରୁ ସେମାନଙ୍କୁ ଦଳର ସଭ୍ୟ ପଦରୁ ଆସନ୍ତା ୬ ବର୍ଷ ପାଇଁ ନିଲମ୍ବିତ କରାଯାଇଛି ବୋଲି ଜିଲା କଂଗ୍ରେସ ସଭାପତି ତିର୍କୀ ସୂଚନା ଦେଇଛନ୍ତି ।

### କାଜୁବଗିଚାରେ ଜୁଆ ଖେଳ: ଗ୍ରାମବାସୀଙ୍କ ବିରୋଧ

**କୁତ୍ରା, ୬।୩ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କାନ୍ଦେୟମୁଣ୍ଡା ଗ୍ରାମ ପଞ୍ଚାୟତର ତେଲିଘନା ଓ ନକଟି ଶେଷ ସୀମା (ପାଣ୍ଡେବନ୍ଧ) ନଳା ନିକଟରେ ଥିବା କାଜୁ ବଗିଚାରେ ଖୋଲମଖୋଲା ଜୁଆଖେଳ ଚାଲୁଛି। ଏହାକୁ ଗ୍ରାମବାସୀ ବିରୋଧ କରୁଛନ୍ତି। ଏହି ଜୁଆ ଖେଳ ପ୍ରତ୍ୟେକ ଦିନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲୁଛି । ଏହି ଜୁଆଖେଳ ପାଇଁ ଲୋକେ ଆଖପାଖ ତଥା ଦୂରଦୂରାନ୍ତରୁ ଆସୁଥିବାର ଦେଖିବାକୁ ମିଳିଛି। ଏହି ଜୁଆଖେଳ ପ୍ରାୟ ୪ମାସରୁ ଊର୍ଦ୍ଧ୍ବ ସମୟ ହେଲାଣି ଚାଲି ଆସୁଛି। ଜୁଆଖେଳ କେତେକ ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ହେଉଥିବାର ଦେଖିବାକୁ ମିଳିଛି। ପ୍ରତ୍ୟେକ ଦିନ ପ୍ରାୟ ୩୦ରୁ ୩୫ଟି ଦୁଇ ଚକିଆ ଯାନ ସହିତ ହାରାହାରି ୫୦ ଜଣ ଲୋକ ଭିଡ ଜମାଉଥିବାର ନଜର ଆସିଛି। ଗ୍ରାମବାସୀ ଜୁଆଖେଳକୁ ଘୋର ବିରୋଧ କରିବା ସହିତ ପରିବେଶରେ ବାତାବରଣ ଖରାପ ହେଉଥିବା ଅଭିଯୋଗ କରୁଛନ୍ତି। ଏଣୁ ପୋଲିସ ପ୍ରଶାସନ ଏହା ପ୍ରତି ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି ।

### ମରାମତି ହେଉନି ଅଚଳ ନଳକୂପ

**ଅତାବିରା, ୬।୩ (ଡି.ଏନ.ଏ):** ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତର ଉଦେପୁର ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ନଳକୂପ ଏକ ମାସରୁ ଊର୍ଦ୍ଧ୍ବ ସମୟ ହେଲା ଅଚଳ ହୋଇ ପଡିଛି। ଏହାକୁ ମରାମତି କରିବା ପାଇଁ ଦାବି କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଅଭିଯୋଗ ପରେ ମଧ ମରାମତି କରାଯାଉନାହିଁ।

# ସପ୍ତାହେ ହେଲା ଜଳୁଛି ଜଙ୍ଗଲ

**କୁତ୍ରା, ୬।୩ (ଡି.ଏନ.ଏ)**

**ପଞ୍ଚରା ସେକ୍ସନ**
- ନଷ୍ଟ ହେଉଛି ମୂଲ୍ୟବାନ ଗଛଲତା
- ସଙ୍କଟରେ ଶରୀସୃପ, ବନ୍ୟପ୍ରାଣୀ


ପଞ୍ଚରା ସେକ୍ସନର ଜଙ୍ଗଲ ଜଳୁଛି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ରେଞ୍ଜ ତଥା କୁତ୍ରା ବ୍ଲକ ପଞ୍ଚରା ସେକ୍ସନର ଜଙ୍ଗଲ ଗତ ସପ୍ତାହେ ହେଲା ଜଳୁଛି। ନିଆଁକୁ ଲିଭାଇବାକୁ ଉଦ୍ୟମ ଚାଲିଥିଲେ ମଧ୍ୟ ଆୟତ୍ତ କରାଯାଇପାରି ନାହିଁ। ଜଙ୍ଗଲ ଜଳୁଥିବାରୁ ବହୁ ମୂଲ୍ୟବାନ ବୃକ୍ଷଲତା ନଷ୍ଟ ହୋଇଯାଉଥିବା କୁହାଯାଉଛି। ଏହା ସହ ଜଙ୍ଗଲ ଭିତରେ ଥିବା ଅନେକ ଶରୀସୃପ, ବନ୍ୟପ୍ରାଣୀ ସଙ୍କଟରେ ଅଛନ୍ତି। ଏହି ଜଙ୍ଗଲରେ ହାତୀ, ଠେକୁଆ, ବାର୍‌ହା ଆଦି ରହିଛନ୍ତି। ଜଙ୍ଗଲ ଜଳୁଥିବାରୁ ସେମାନଙ୍କ ଜୀବନ ବିପଦପୂର୍ଣ୍ଣ ହେବା ସହ ସେମାନେ ବଞ୍ଚିବା ଲାଗି ଜନବସତି ମୁହାଁ ହେଉଥିବା ଜଣାପଡ଼ିଛି। ପ୍ରତିବର୍ଷ ଏହି ସମୟରେ ଜଙ୍ଗଲରେ ନିଆଁ ଲାଗୁଥିବା ଜଣାପଡ଼ିଛି। ମହୁଲ ସଂଗ୍ରହ ସମୟରେ ଲୋକେ ନିଆଁ ଲଗାଇ ଜଙ୍ଗଲ ପୋଡୁଥିବା ଜଣାପଡ଼ିଛି। ଏଥିପାଇଁ ଲୋକଙ୍କୁ ବନବିଭାଗ ପକ୍ଷରୁ ସଚେତନ କରାଯିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ଜନସାଧାରଣ ମତ ଦେଇଛନ୍ତି। ତା' ନ ହେଲେ ପ୍ରତିବର୍ଷ ଏଭଳି ନିଆଁ ଲାଗି ଜଙ୍ଗଲ ନଷ୍ଟ ହୋଇଚାଲିଥିବ। ଏହାର କୁପ୍ରଭାବ ପରିବେଶ ଉପରେ ପଡ଼ିବାର ମଧ୍ୟ ଆଶଙ୍କା ରହିଛି। ଜଙ୍ଗଲ ନିଆଁ ନ ଲାଗିବାର ସ୍ଥାୟୀ ପ୍ରତିକାର ପାଇଁ ସୁନିଶ୍ଚିତ ପଦକ୍ଷେପ ବର୍ତ୍ତମାନ ଯାଏଁ ହୋଇପାରିନାହିଁ। ଖରାଦିନ ଆସିବା ମାତ୍ରେ କୁତ୍ରା ସମେତ ସୁନ୍ଦରଗଡ଼ ଜିଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗୁଛି। ଯେଉଁ ପର୍ବତ, ଜଙ୍ଗଲ ସୁରକ୍ଷିତ ଭାବେ ରହିଛି ସେସବୁ ସ୍ଥାନରେ ଯେଭଳି ନିଆଁ ନ ଲାଗେ ସେଥିପ୍ରତି ସମସ୍ତେ ସଚେତନ ହେବା ସହ ବନବିଭାଗ କଡ଼ା ନଜର ରଖିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

## ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ବିଧାୟକ


ସମୀକ୍ଷା ବୈଠକରେ ବିଧାୟକ ଓ ଅନ୍ୟମାନେ ମଞ୍ଚାସୀନ।

**ବାଲିଶଙ୍କରା, ୬।୩ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକ ସଭା ଗୃହରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ସରକାରୀ ଯୋଜନା କିଭଳି କାର୍ଯ୍ୟକାରୀ କରାଯାଉଛି ସେ ନେଇ ତଳସରା ବିଧାୟକ ଭବାନୀଶଙ୍କର ଭୋଇ ସମୀକ୍ଷା ବୈଠକ କରିଥିଲେ। ପ୍ରାରମ୍ଭରେ ବିଡିଓ ବାସନ୍ତୀ ଲାକଡା ସ୍ୱାଗତ ଭାଷଣ ଦେଇଥିଲେ। ଏହି ବୈଠକରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ପ୍ରତିମା ତନ୍ତୀ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ କିଭଳି କାର୍ଯ୍ୟ ଚାଲିଛି, ସମସ୍ତ ସୁବିଧା, ଅସୁବିଧା ସମ୍ପର୍କରେ ବୁଝାଇଥିଲେ। ପ୍ରାଣୀଧନ ବିଭାଗର ଅଧିକାରୀ ସୁକାନ୍ତ କୁମାର ସିଂ ୧୯ଟି ପଞ୍ଚାୟତର ୯ଜଣ ପ୍ରାଣୀଧନ ନିରୀକ୍ଷକ ବଦଳରେ ମାତ୍ର ୪ଜଣ ରହିଥିବା ହେତୁ ବହୁ ଅସୁବିଧା ସୃଷ୍ଟି ହେଉଥିବା କହିଥିଲେ। ହେଲେ ଅଧିକାଂଶ ସ୍ଥାନରେ ଠିକ ସେବା ପହଞ୍ଚି ପାରୁ ନ ଥିବା ହେତୁ ପ୍ରାଣୀ ରୋଗର ଉପଯୁକ୍ତ ଚିକିତ୍ସା ମିଳିପାରୁ ନାହିଁ। ସେହିପରି ମତ୍ସ୍ୟ, କୃଷି, ଉଦ୍ୟାନ, ଜଳଯୋଗାଣ, ବନ ବିଭାଗ, ସାମାଜିକ ସୁରକ୍ଷା, ଉନ୍ନୟନ ବିଭାଗ, ଖାଦ୍ୟ ଯୋଗାଣ ବିଭାଗ, ସମସ୍ତ ବିଭାଗୀୟ ଅଧିକାରୀଙ୍କ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ତେବେ ଜଳ ପରିମଳ ଓ ଶୌଚାଳୟ ବିଭାଗ ଉପରେ ପ୍ରଶ୍ନ ସୃଷ୍ଟି ହୋଇଥିଲା। ଅଧିକାଂଶ ବଣ ପାହାଡ ଅଞ୍ଚଳରେ ପାଇଖାନା ଗୃହ ନିର୍ମାଣ କରାଯାଇ ନ ଥିବାବେଳେ ସେହି ଅଞ୍ଚଳକୁ କିଭଳି ବାହ୍ୟମଳ ମୁକ୍ତ ଗାଁର ମାନ୍ୟତା ଦିଆଯାଉଛି ବୋଲି ପୂର୍ବତନ ଭାଜପା ସଭାପତି ରବି ପଟେଲ ପ୍ରଶ୍ନ କରିଥିଲେ। ସେହିପରି ଭୁଷନପଡା, କୁହୁଥୁପା, କେଲାପାନି ଗ୍ରାମର ପାନୀୟ ଜଳ ଯୋଗାଣ ବହୁ ଅସୁବିଧା ଥିବାବେଳେ ସେ ଦିଗରେ କଣ ପଦକ୍ଷେପ ନିଆଯାଉଛି ବୋଲି ପୂର୍ବତନ ସମିତି ସଭ୍ୟ କହିଥିଲେ।

## ଗାଡ଼ି ଚୋରି ଅଭିଯୋଗରେ ୩ ଯୁବକ ଗିରଫ

**ରାଉରକେଲା ଅଫିସ, ୬।୩**



ପ୍ଲାଣ୍ଟସାଇଟ ପୋଲିସ ଗିରଫ କରିଥିବା ୪ ଅଭିଯୁକ୍ତଙ୍କ ସହ ଜବତ ବାଇକ୍।

ଏକ ବୁଲେଟ ମୋଟର ସାଇକେଲ ଓ ୟାମାହା ଚୋରି ଅଭିଯୋଗରେ ପ୍ଲାଣ୍ଟସାଇଟ ପୋଲିସ ଶନିବାର ୩ ଯୁବକଙ୍କୁ ଗିରଫ କରିଛି। ଏମାନେ ହେଲେ ପାନପୋଷ ବସ୍ତିବାସିନ୍ଦା ଭିକି ଯାଦବ(୨୧), ବେଦବ୍ୟାସ ନଦୀଟୋଲାର ଅଭିଷେକ ଶର୍ମା (୨୧) ଓ ପାନପୋଷ ରୂପଟୋଲାର ଦୀପୁ ଶର୍ମା। ଏହା ସହ ଗାଡ଼ି କିଣିଥିବା ରାଜେଶ ଆଇନ୍ଦ ନାମକ ଜଣେ ଯୁବକଙ୍କୁ ମଧ୍ୟ ଗିରଫ କରାଯାଇଛି। ୪ଜଣଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗ ଅନୁସାରେ ପାନପୋଷ ବସ୍ତିର ଗୌତମ କୋକ(୨୦) ମାର୍କେଟିଂ କରିବାକୁ ରାଉରକେଲା ଟ୍ରାଫିକ ଗେଟ ନିକଟକୁ ଆସିଥିଲେ। ମାର୍କେଟିଂ ସାରି ନିଜ ବୁଲେଟ ନଂ. ଓଡି ୧୪ଭି ୭୪୫୯ ନିକଟକୁ ଆସିବା ବେଳକୁ ଗାଡି ସେଠାରେ ନ ଥିଲା। ଚୋରି ସନ୍ଦେହରେ ସେ ସ୍ଥାନୀୟ ପ୍ଲାଣ୍ଟସାଇଟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କୁତ୍ରା ଥାନା ଅନ୍ତର୍ଗତ ଝାରବେଡା ଅଞ୍ଚଳରେ ଚଢାଉ କରି ବୁଲେଟ ଉଦ୍ଧାର କରିଛି। ଏହାକୁ ରାଜେଶ ଆଇନ୍ଦ ନାମକ ଜଣେ ଯୁବକ କିଣିଥିବା ତଦନ୍ତରୁ ଜଣାଯାଇଛି। ରାଜେଶଙ୍କ ଘରେ ଚଢାଉ ସମୟରେ ଆଉ ଏକ ଚୋରା ୟାମାହା ମୋଟର ସାଇକେଲ ନଂ. ୧୪ ଡି ୨୭୨୭ ଉଦ୍ଧାର କରାଯାଇଛି। ଏହି ବାଇକ କିଛି ଦିନ ପୂର୍ବେ ପାନପୋଷ ମଣି କଲୋନୀରୁ ଚୋରି ଯାଇଥିବା ସୂଚନା ମିଳିଛି। ପ୍ଲାଣ୍ଟସାଇଟ ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଟ୍ରକ୍ ଧକ୍କାରେ ବୃଦ୍ଧା ଗୁରୁତର

**ଲହୁଣୀପଡା, ୬।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଲହୁଣୀପଡା ମୁଖ୍ୟ ବଜାରରେ ଶନିବାର ସକାଳ ପ୍ରାୟ ୭ଟାରେ ଏକ ଟ୍ରକ ଧକ୍କାରେ ଜଣେ ବୃଦ୍ଧା ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଲହୁଣୀପଡାର ଶୁକମନି ମାହାନ୍ତ (୫୫) ଲହୁଣୀପଡା ମୁଖ୍ୟ ବଜାର ରାସ୍ତାରେ ଯାଉଥିବା ବେଳେ ଓଡି ୧୯ କ୍ୟୁ- ୫୪୭୨ ଟ୍ରକ କୋଇଡା ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ କରି ଆସୁଥିବାବେଳେ ବୃଦ୍ଧାକୁ ଧକ୍କା ଦେଇଥିଲା। ଫଳରେ ଶୁକମନି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଖବରପାଇ ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିବା ସହିତ ଘଟଣା ତଦନ୍ତ କରୁଛି।

## ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଲହୁଣୀପଡା, ୬।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ଶସ୍ୟକଳା ପଞ୍ଚାୟତ ବରସୁଆଁଠାରେ ଶୁକ୍ରବାର ପଞ୍ଚାୟତିରାଜ ଦିବସ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଛି। ଏହା ସହିତ ବରସୁଆଁ ସେଲ ଛକଠାରେ ବିଜୁ ପଟ୍ଟନାୟକଙ୍କ ନବନିର୍ମିତ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଜେଡି ସଭାପତି, ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, କେନ୍ଦୁଝର ଜିଲା ବିଜେଡି ଉପସଭାପତି କୁଶ ଆପଟ, ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ରଣଜିତ କିଷାନ, ଉପାଧ୍ୟକ୍ଷ ସରସ୍ୱତୀ ନାଏକ, ବିଜୁ ଶ୍ରମିକ ସାମ୍ମୁଖ୍ୟ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ସମାଜସେବୀ ବଜରଙ୍ଗ ଅଗ୍ରୱାଲ, ଶ୍ରମିକ ନେତା ସଞ୍ଜୀବ ମିଶ୍ର, ସନ୍ଧ୍ୟା ଲାକ୍ରା ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇ ସର୍ବପ୍ରଥମେ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିର୍ସା ମୁଣ୍ଡା ଛକଠାରୁ ଏକ ବାଇକ୍ ରାଲିରେ ବାହାରି ବରସୁଆଁ ସେଲ ଛକରେ ପହଞ୍ଚି ସେଠାରେ ନବନିର୍ମିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ । ସେହିଠାରୁ ପଦଯାତ୍ରାରେ ବାହାରି ବରସୁଆଁ ରେଳ ଷ୍ଟେସନ ନିକଟରେ ଆୟୋଜିତ ହୋଇଥିବା ସଭା ମଞ୍ଚରେ ଯୋଗଦେଇଥିଲେ । ବିଜୁ ଶ୍ରମିକ ସାମ୍ମୁଖ୍ୟ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଏମସି ପରିଚାଳିତ ଖଣ୍ଡାଧାର ଖଣିରେ କାର୍ଯ୍ୟରତ ନର୍ଥ ଓଡିଶା ୱାର୍କର୍ସ ୟୁନିୟନ ସମ୍ପାଦକ ପ୍ରସନ୍ନ ନାୟକ, ଓଡିଶା ମିନେରାଲ ୱାର୍କର ୟୁନିୟନ ବରସୁଆଁ ସଭାପତି ମଧୁସୂଦନ ନାୟକ, ସମ୍ପାଦକ ସଲିଲ ପଣ୍ଡାଙ୍କ ନେତୃତ୍ୱରେ ଉଭୟ ସଙ୍ଗଠନର ଏକ ହଜାରରୁ ଊର୍ଦ୍ଧ୍ବ ଶ୍ରମିକ ବିଜୁ ଶ୍ରମିକ ସାମ୍ମୁଖ୍ୟ ଓ ବିଜୁ ଜନତା ଦଳରେ ଯୋଗଦେଇଥିଲେ। ଏହି ମହା ମିଶ୍ରଣ ପର୍ବରେ ମୀନାକ୍ଷୀ ଧର ଓ ଶ୍ରୀନିବାସ ଘଣ୍ଟୁଆରୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ରମେଶ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀନିବାସ ରାଓ, ରମେଶ ନାୟକ, ଅବିନାଶ ବଗେ, ରବି ନାରାୟଣ ମିଶ୍ର, ନଦିଆ ବାରିକ, ସୁନ୍ଦରମଣୀ ପ୍ରଧାନ, ସୁଧିର ଜେନା, ଦୀପା ଡାଙ୍ଗ, ଅଜୟ ନାଏକ, ଗୁରୁଚରଣ ସ୍ୱାଇଁ, ସଞ୍ଜୟ ଦାସ, ଜିଲା ପରିଷଦ କେଦାର କୁମାର ମାହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ସ୍କାଉଟ୍ସ, ଗାଇଡ୍ସ ତାଲିମ ଶିବିର 'ବସୁନ୍ଧରା' ଉଦ୍‌ଘାଟିତ

**ବଡଗାଁ, ୬।୩ (ଡି.ଏନ.ଏ)**


ସ୍କାଉଟ୍ସ, ଗାଇଡ୍ସ ଶିବିରରେ ଯୋଗଦେଇଥିବା ଛାତ୍ରୀ।

ସୁନ୍ଦରଗଡ଼ ଜିଲା ବଡଗାଁ ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ପରିସରରେ ରାଜ୍ୟସ୍ତରୀୟ ସ୍କାଉଟ୍ସ, ଗାଇଡ୍ସ ତାଲିମ ଶିବିର ବସୁନ୍ଧରା ଗୁରୁବାର ସନ୍ଧ୍ୟାରେ ଉଦଘାଟିତ ହୋଇଛି। ମହିଳା ସଶକ୍ତିକରଣ ଦିବସ ଉପଲକ୍ଷେ ମହିଳା ସଶକ୍ତିକରଣ ଲକ୍ଷ୍ୟ ନେଇ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଓ ରାଜ୍ୟ ମୁଖ୍ୟାଳୟ ସ୍କାଉଟ ଗାଇଡ କମିଶନର କାଳୀପ୍ରସାଦ ମିଶ୍ର, ଜିଲା ପରିଷଦ ଅଧକ୍ଷା ଏମା ଏକ୍କା, ସ୍କାଉଟ୍ସ, ଗାଇଡ୍ସ ସଭାପତି ନାରାୟଣ ପତି, ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ, ବଡଗାଁ ଆଇଟିଆଇ ପ୍ରତିଷ୍ଠାତା ରାମଚନ୍ଦ୍ର ନାୟକ, ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ସାରଙ୍ଗଧର ବରିହା ଯୋଗଦେଇଥିଲେ । ଅତିଥିମାନେ ଦୀପ ପ୍ରଜ୍ୱଳନ ଓ ନୂତନ ଲଗୋ ଉନ୍ମୋଚନ କରି ବସୁନ୍ଧରା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସ୍କାଉଟ୍ସ, ଗାଇଡ୍ସ ସଭାପତି ନାରାୟଣ ପତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ କରାଇଥିଲେ। ୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ତାଲିମ ଶିବିରରେ ଛାତ୍ରୀମାନଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହେବା ଉପରେ ତାଲିମ ପ୍ରଦାନ ସହିତ ବିଭିନ୍ନ ପ୍ରତିଯୋଗିତା ହେବ। ରାଜ୍ୟର ୩୦ଟି ଜିଲାର ବିଭିନ୍ନ ସ୍କୁଲର ଛାତ୍ରୀମାନେ ଅଂଶଗ୍ରହଣ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସରିତା କେର୍କେଟା, ଶାରୀରିକ ଶିକ୍ଷା ପ୍ରଶିକ୍ଷିକା ସଂଯୁକ୍ତା ବହିଦାର ଓ ଜିଲା ପରିଷଦ ଅଧକ୍ଷା ଏମା ଏକ୍କାଙ୍କୁ ବସୁନ୍ଧରା ସମ୍ମାନରେ ସମ୍ମାନିତ କରାଯାଇ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇଥିଲା ।

## ହରମୋହନ ପ୍ରହରାଜ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ରାଉରକେଲା ଅଫିସ, ୬।୩**

ରାଉରକେଲା ୟୁଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସେକ୍ଟର-୧୪ସ୍ଥିତ ଦୁର୍ଗାପୂଜା ପଡିଆରେ ପ୍ରଥମ ହରମୋହନ ପ୍ରହରାଜ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ମୁଖ୍ୟ ଅତିଥି ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ସେଫି, ସେଲ ଆର୍‌ଏସ୍‌ପିର ସଭାପତି ବିମଳ ବିସି, ପୂର୍ବତନ ଓ ରଞ୍ଜିତ ଟ୍ରଫି ଖେଳାଳି ଅଭିନାଷ ଖଟୁଆ, ଓ ମହିଳା କ୍ରିକେଟ ସିଲେକ୍ଟର ଗୀତା ପଟ୍ଟନାୟକ ଯୋଗ ଦେଇଥିଲେ। ଶନିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ ସେକ୍ଟର-୧୪ର ଆରୱାଇସିସି ଓ ଛେଣ୍ଡ କଲୋନୀର ଆଶୁ-ଇଲେଭେନ ମଧ୍ୟରେ ହୋଇଥିଲା। ଆରୱାଇସିସି ଟସ୍ ଜିତି ବ୍ୟାଟିଂ କରି ୧୯.୩ ଓଭରରେ ୧୫୦ ରନ କରି ଅଲଆଉଟ ହୋଇଯାଇଥିଲେ। ଏହାର ଜବାବରେ ଆଶୁ-ଇଲେଭେନ ୧୯.୨ ଓଭରରେ ୧୪୬ କରି ଅଲଆଉଟ ହୋଇ ୪ ରନ୍‌ରେ ପରାସ୍ତ ହୋଇଥିଲେ। ଆରୱାଇସିସି ପକ୍ଷରୁ ପୁରୁଷୋତ୍ତମ ନନ୍ଦ ୪ ଉଇକେଟ ଓ ୨୩ ରନ କରିଥିବାରୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ସେକ୍ଟର-୧୮ର ଜିମ୍‌ଖାନା ଓ ଜାମସେଦ୍‌ପୁର ମଧ୍ୟରେ ହୋଇଥିଲା। ଜିମ୍‌ଖାନା ଟସ୍ ଜିତି ବ୍ୟାଟିଂକରି ୨୦ ଓଭରରେ ୩ ଉଇକେଟରେ ୧୯୦ ରନ କରିଥିଲା। ଏହାର ଜବାବରେ ଜାମସେଦପୁର ପ୍ରାରମ୍ଭରୁ ଶୋଚନୀୟ ବ୍ୟାଟିଂ କରି ୧୪ ଓଭରରେ ୭୧ ରନ୍‌ରେ ଆଲଆଉଟ ହୋଇଯାଇଥିଲେ। ଜିମ୍‌ଖାନା ପକ୍ଷରୁ ପ୍ରୀତମ ଜେନା ମ୍ୟାଚରେ ୫ ଉଇକେଟ ନେଇଥିବାରେ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମିତ ଦାସ ଓ ନରେନ୍ଦ୍ର ନାୟକ ଖେଳ ପରିଚାଳନା କରିଥିଲେ। ମହମ୍ମଦ ତାହୀର କମେଣ୍ଟ୍ରିରେ ଦାୟିତ୍ୱ ତୁଲାଇଥିଲେ। ଆୟୋଜକ ପକ୍ଷରୁ ଆଲୋକ ପଣ୍ଡା, ଗୋବିନ୍ଦ ପୋଦାର, ରଞ୍ଜିତ ସିଂ, ଆଲୋକ ପ୍ରଧାନ, ଚିତ୍ତ ମିଶ୍ର, ଅରୁଣ ମହାପାତ୍ର, ଅମୀୟ ରାୟ, ତରୁଣ ରାୟ, ଚୌଧୁରୀ ବିଜୟ ପଟ୍ଟନାୟକ, ସଞ୍ଜିବ କୁଣ୍ଠ, ଅମିତ କୁମାର, ଅମିତ ଦାସ, ଅଶୋକ ବାରିକ, ନାରାୟଣ ନାୟକ, ଗନ୍ଧର୍ବ ନାୟକ, ଆଶିଷ ତିର୍କୀ, ସଞ୍ଜିବ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଫାଇନାଲରେ ରାଜଗାଙ୍ଗପୁର, ରାଉରକେଲା



ଶନିବାର ଏମ୍‌ଏମ୍‌ସିସିର ଭିକି ପରିଡ଼ାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।



ଶୁକ୍ରବାର ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଏମ୍‌ଏମ୍‌ସିସିର ଭିମଲଙ୍କୁ ପ୍ରଦାନ କରାଯାଉଛି।

**ଦେବଗଡ଼, ୬।୩(ଡ଼ି.ଏନ୍.ଏ.)**

**ବଜରଙ୍ଗ କ୍ରିକେଟ କପ୍**

ଦେବଗଡ଼ ପୌରାଞ୍ଚଳର ମହୁଲଢିପାସାହି ସ୍ଥିତ ନାଳପଡିଆଠାରେ ମହାବୀର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ବଜରଙ୍ଗ କ୍ରିକେଟ୍ କପର ରବିବାର ଫାଇନାଲ ମ୍ୟାଚ୍। ଫାଇନାଲରେ ରାଜଗାଙ୍ଗପୁର କ୍ରିକେଟ କ୍ଲବ ଓ ମାରୁତି କ୍ରିକେଟ କ୍ଲବ ରାଉରକେଲା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ତରଫରୁ ସୂଚନା ଦିଆଯାଇଛି। ଶନିବାର ସେମିଫାଇନାଲ ମ୍ୟାଚ୍ ମାରୁତି କ୍ରିକେଟ କ୍ଲବ ରାଉରକେଲା ଓ ଏମ୍‌ଏମ୍‌ସିସି କ୍ରିକେଟ କ୍ଲବ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାରୁତି କ୍ରିକେଟ କ୍ଲବ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂର ନିଷ୍ପତି ନେଇଥିଲା । ମାରୁତି କ୍ରିକେଟ କ୍ଲବ ୨୦ ଓଭରରେ ୧୦ ଉଇକେଟ ହରାଇ ୧୬୧ ରନ୍ କରିଥିଲା। ଜବାବରେ ଏମ୍‌ଏମ୍‌ସିସି କ୍ରିକେଟ କ୍ଲବ ୧୯.୩ ଓଭରରେ ୧୦ ଉଇକେଟ ହରାଇ ମାତ୍ର ୧୪୬ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ଫଳରେ ସେମିଫାଇନାଲ ମ୍ୟାଚ୍‌ରେ ମାରୁତି କ୍ରିକେଟ କ୍ଲବ ଏମ୍‌ଏମ୍‌ସିସି କ୍ରିକେଟ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଅମ୍ପାୟାର ସୁନୀଲ ସାହୁ ଏବଂ କିରଣ ନାଏକ ଖେଳ ପରିଚାଳନା କରିଥିଲେ। ପ୍ରିତମ କୁମାର ସାହୁ ସ୍କୋର ଦାୟୀତ୍ୱରେ ଥିଲେ। ମୁଖ୍ୟ ଅତିଥି ଭାବେ ଭାଜପା ଯୁବ ନେତା ସୁଧିର କୁମାର ବ୍ରହ୍ମା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ମାରତୀ ଦଳର ଭିକି ପରିଡ଼ା ବିବେଚିତ ହୋଇଥିଲେ।

ଶୁକ୍ରବାର ବଜରଙ୍ଗ କ୍ରିକେଟ କ୍ଲବ ପୁଲ 'ବି'ର କ୍ୱାଟର ଫାଇନାଲରେ ଚ୍ୟାଲେଞ୍ଜର କ୍ରିକେଟ କ୍ଲବ ଓ ଏମ୍‌ଏମ୍‌ସିସି କ୍ରିକେଟ କ୍ଲବ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଚ୍ୟାଲେଞ୍ଜର କ୍ରିକେଟ କ୍ଲବ୍ ଟସ୍ ଜିଣି ପ୍ରଥମେ ଫିଲ୍ଡିଂର ନିଷ୍ପତି ନେଇଥିଲା। ଏମ୍‌ଏମ୍‌ସିସି କ୍ରିକେଟ କ୍ଲବ ୧୫ ଓଭରରେ ୭ ଉଇକେଟ ହରାଇ ୨୩୭ ରନ୍ କରିଥିଲା । ଏହାର ଜବାବରେ ଚ୍ୟାଲେଞ୍ଜର କ୍ରିକେଟ କ୍ଲବ ୧୫ ଓଭରରେ ୮ ଉଇକେଟ ହରାଇ ମାତ୍ର ୧୫୮ରନ୍ ସଂଗ୍ରହ କରି ପରାସ୍ତ ହୋଇଛି। ଫଳରେ ପୁଲ 'ବି'ର କ୍ୱାଟର ଫାଇନାଲ ମ୍ୟାଚ୍‌ରେ ଏମ୍‌ଏମ୍‌ସିସି କ୍ରିକେଟ କ୍ଲବ ଚ୍ୟାଲେଞ୍ଜର କ୍ରିକେଟ କ୍ଲବକୁ ହରାଇ ସେମିରେ ପ୍ରବେଶ କରିଥିଲା। ଅମ୍ପାୟାର ଭାରତ ସାହୁ ଏବଂ ପ୍ରିତୀଶ୍ ପରେସ୍ ଛତ୍ରିଆ ଖେଳ ପରିଚାଳନା କରିଥିଲେ। ପ୍ରିତମ କୁମାର ସାହୁ ସ୍କୋର ଦାୟୀତ୍ୱରେ ଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ରାଜକିଶୋର ଦାଶ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ମ୍ୟାନ ଅଫ୍ ଦି ମ୍ୟାଚ୍ ଏମ୍‌ଏମ୍‌ସିସି ଦଳର ଭିମଲଙ୍କୁ ପ୍ରଦାନ କରିଥିଲେ। କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

**ବୁଢ଼ାରଜା ସଂରକ୍ଷିତ ଜଙ୍ଗଲରେ ନିଆଁ**

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ବୁଢ଼ାରଜା ସଂରକ୍ଷିତ ଜଙ୍ଗଲରେ ଶନିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ସ୍ଥାନୀୟ ଲୋକେ ଏହା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ଓ ବନ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛନ୍ତି। ଖବର ଲେଖା ପର୍ଯ୍ୟନ୍ତ ନିଆଁ ଲିଭା କାର୍ଯ୍ୟ ଜାରି ରହିଥିଲା। ରାଜ୍ୟର ଶିମିଳିପାଳ ଓ ଅନ୍ୟ କେତେକ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ଏବେ ସମ୍ବଲପୁର ଘଟଣା ବନ ବିଭାଗ ଚିନ୍ତା ବଢ଼ାଇ ଦେଇଛି।

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ରାଜଯୋଗ କାର୍ଯ୍ୟକ୍ରମ, ପଧାନପାଲିସ୍ଥିତ ପାବନସରୋବର, ସକାଳ ୮ଟା।
- ଜୁନିୟର ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ, ହାୱା ମଇଦାନ, ସକାଳ ୮ଟା।
- ଓଡିଶା ୟୁନିୟନ ଅଫ୍ ଜର୍ନାଲିଷ୍ଟ ସଂଘର କାର୍ଯ୍ୟକାରିଣୀ ବୈଠକ, ରେଙ୍ଗାଲି ଟ୍ରକ ୟୁନିୟନ ସଭା କକ୍ଷ, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ପୁଣି ମାତିଲେ ଡିଜେଲ ଓ ବ୍ୟାଟେରି ଚୋର

**ସମ୍ବଲପୁର, ୬।୩ (ବ୍ୟୁରୋ):** ସମ୍ବଲପୁର ଜିଲା ଠେଲକୁଲି ଥାନା ପୋଲିସ କିଛିଦିନ ପୂର୍ବରୁ ଏକ ଡିଜେଲ ଓ ବ୍ୟାଟେରି ଚୋରି ର୍ୟାକେଟର ପର୍ଦ୍ଦାଫାଶ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୁଣି ଏକ ର୍ୟାକେଟ ସକ୍ରିୟ ଥିବା ଜଣାପଡିଛି। ଶୁକ୍ରବାର ବିଳମ୍ବିତ ରାତିରେ ସଦର ଥାନା ଅନ୍ତର୍ଗତ ହାଲିପାଲି ଗ୍ରାମରୁ ୨ଟି ହାଇୱାରୁ ବ୍ୟାଟେରି ଚୋରି ହୋଇଛି। ଗାଡ଼ି ମାଲିକ ଜଗଦୀଶ ରାଓ ଦୁଇଟି ହାଇୱାରୁ ୪ଟି ବ୍ୟାଟେରି ଓ ପ୍ରାୟ ୪ଶହ ଲିଟର ତେଲ ଚୋରି ହୋଇଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସଦର ଥାନା ଅଧିକାରୀ ଚିନ୍ତାମଣୀ ପ୍ରଧାନ କହିଛନ୍ତି, ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସ୍ଥାନୀୟ କିଛି ଯୁବକଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ସନ୍ଦେହ କରିଛି।

### ଘର ପୋଡ଼ି ସମ୍ପତ୍ତି ନଷ୍ଟ

**ବ୍ରଜରାଜନଗର, ୬।୩ (ଡି.ଏନ.ଏ.):** ଗାନ୍ଧୀଛକ ଫାଣ୍ଡି ଚାନ୍ଦିନିମାଲ ପଞ୍ଚାୟତର ଚିଚିଣ୍ଡା ଗ୍ରାମରେ ନିଆଁ ଲାଗି ଦୁଇ ପରିବାରଙ୍କ ସମ୍ପତ୍ତି ପୋଡି ନଷ୍ଟ ହୋଇଯାଇଛି। ଉକ୍ତ ଗ୍ରାମର ପଞ୍ଚମ ଖଡିଆ ଓ ବର୍ଷା ଧନୱାର କାମ କରି ପରିବାର ପ୍ରତି ପୋଷଣ କରନ୍ତି। ଶୁକ୍ରବାର ସେମାନେ ଘରେ ନ ଥିବାବେଳେ ନିଆଁ ଲାଗିଥିଲା। ଫଳରେ ଘର ଭିତରେ ଥିବା ଧାନ, ଚାଉଳ, ଘରକରଣା ସାମଗ୍ରୀ ପୋଡ଼ିଯାଇଛି। ଉଭୟେ ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି।

### ସୁନ୍ଦରାକାଣ୍ଡ ପାରାୟଣ



**ପଡିଆବାହାଲ, ୬।୩ (ଡି.ଏନ.ଏ.):** ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବାହାମ ମାଟିଡୁଙ୍ଗୁରିଠାରେ ଶନିବାର ରାମାୟଣ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଜିଲା ପାଟଣାଗଡ଼ର ରମାକାନ୍ତ ପଣ୍ଡା ବ୍ୟାସ ଭାବେ ସମ୍ପୂର୍ଣ୍ଣ ପାରାୟଣ ପଠନ କରିଥିଲେ। ଏହି ଅବସରରେ ପଣ୍ଡିତ ଅରବିନ୍ଦ ବିଶ୍ୱାଳଙ୍କ ପୌରୋହିତ୍ୟରେ ବୈକୁଣ୍ଠ ପାଲେ ଓ କମଳିନୀ ପରିମଣିକ ଏବଂ ପ୍ରମୋଦ ଥପା ଓ ପ୍ରତିମା ଥପାଙ୍କ କର୍ତ୍ତୃତ୍ୱରେ ପୂଜାହୋମ ଆଦି ସମାପନ ହୋଇଥିଲା। ଆଖପାଖ ଅଞ୍ଚଳର ପ୍ରାୟ ୪ ହଜାର ଶ୍ରଦ୍ଧାଳୁ ପାରାୟଣ ଶ୍ରବଣ କରିଥିଲେ। ପାରାୟଣ ସାଙ୍ଗକୁ ଭଜନ ଓ କୀର୍ତ୍ତନ ପରିବେଶକୁ ଉତ୍ସବ ମୁଖରିତ କରିଥିଲା।

### ସମଲେଇ ମନ୍ଦିର ଦୋକାନ ଖୋଲିବା ଦାବି



**ସମ୍ବଲପୁର, ୬।୩ (ବ୍ୟୁରୋ):** କରୋନା କଟକଣା ଯୋଗୁ ଦୀର୍ଘମାସ ହେବ ସମଲେଇ ମନ୍ଦିର ମୁଖ୍ୟ ଫାଟକ ବନ୍ଦ ରହିଛି। ମନ୍ଦିର ପରିସର ପୂଜା ସାମଗ୍ରୀ ଦୋକାନ ଗୁଡିକରେ ମଧ ତାଲା ଝୁଲୁଛି। ଜିଲା ପ୍ରଶାସନ କୌଣସି ସୁବିଧା କରୁ ନ ଥିବାରୁ ପୂଜା ଦୋକାନୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହି ଦୋକାନ ଖୋଲିବା ଦାବିରେ ସେମାନେ ଶୁକ୍ରବାର ମନ୍ଦିର ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ଶନିବାର ସେମାନେ ଗଣମାଧମ ଜରିଆରେ ଜିଲା ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଆଗାମୀ ଦିନରେ ଦୋକାନ ଖୋଲା ନ ଗଲେ ଆନ୍ଦୋଳନ ହେବ ବୋଲି କହିଛନ୍ତି।

# ଘରେ ମିଳିବ ପିଇବା ପାଣି

**ସମ୍ବଲପୁର, ୬।୩ (ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ ଶ୍ରମମନ୍ତ୍ରୀ ସୂଚନା ଦେଉଛନ୍ତି ।

- ପ୍ରତିଷ୍ଠା ହେବ ମେଗା ପାନୀୟ ଜଳ ପ୍ରକଳ୍ପ
- ଉପକୃତ ହେବେ ୨୮ ପଞ୍ଚାୟତର ୧୩୮ ଗ୍ରାମର ଜନସାଧାରଣ

ସମ୍ବଲପୁର ଜିଲାର ଘରେ ଘରେ ପିଇବା ପାଣି ଉପଲବ୍ଧ ହେବ। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୮୮ କୋଟି ଟଙ୍କା ବ୍ୟୟ ଅଟକଳରେ ମେଗା ପାନୀୟ ଜଳ ପ୍ରକଳ୍ପ ଘୋଷଣା କରିଛନ୍ତି। ଏହା ୨ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକାରୀ ହେବ। ଏହା ଦ୍ୱାରା ଜିଲାର ଧନକଉଡ଼ା, ମାନେଶ୍ୱର, ଯୁଯୁମୁରା, ଜମନକିରା ଓ ରେଙ୍ଗାଲି ବ୍ଲକ ଅନ୍ତର୍ଗତ ୨୬ ପଞ୍ଚାୟତର ୧୨୯ ଗ୍ରାମର ୧ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେବେ। ସେହିପରି ଝାରସୁଗୁଡ଼ା ଜିଲାର ୨ ପଞ୍ଚାୟତର ୯ ଗ୍ରାମର ୫ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ପାନୀୟ ଜଳ ପାଇପାରିବେ। ଶନିବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ମାର୍ଗସ୍ଥିତ ହୋଟେଲ ହରଜିତ୍ ରେସିଡେନ୍ସି ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗ୍ରାମାଞ୍ଚଳ ବିକାଶ, ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ସୁଶାନ୍ତ ସିଂ, ରାଜ୍ୟ ଉପମୁଖ୍ୟ ସଚେତକ ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ସମ୍ବଲପୁର ବିଜେଡି ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ ଓ ସମ୍ବଲପୁରର ପୂର୍ବତନ ବିଧାୟକ ରାସେଶ୍ୱରୀ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି। ସେମାନେ କହିଥିଲେ ଯେ, ହୀରାକୁଦ ଜଳଭଣ୍ଡାର ମଧ୍ୟରେ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ଅପରପକ୍ଷେ ଯେଉଁ ଅଞ୍ଚଳରେ ପୂର୍ବରୁ ଜଳ ଯୋଗାଣ ହୋଇଛି, ସେହି ଅଞ୍ଚଳରେ ଏହି ପ୍ରକଳ୍ପକୁ ସଂଯୋଗୀକରଣ କରାଯିବ। ଯଦ୍ୱାରା ଜନସାଧାରଣ ପର୍ଯ୍ୟାପ୍ତ ପରିମାଣରେ ପିଇବା ପାଣି ପାଇପାରିବେ। ସମ୍ବଲପୁରବାସୀଙ୍କ ଦାବିକୁ ଅଗ୍ରାଧିକାର ଦିଆଯାଉଛି। ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ପୂର୍ବତନ ବିଧାୟକ ରମେଶ ପଟୁଆଙ୍କ ସମେତ ଜିଲାସ୍ତରୀୟ ବିଜେଡି ନେତୃବୃନ୍ଦ ଉପସ୍ଥିତ ଥିଲେ।

# ବିଜୁ ନିର୍ମାଣ ଶ୍ରମିକ ସଂଘର ଶ୍ରମଜୀବୀ ସମାବେଶ

**ସମ୍ବଲପୁର, ୬।୩ (ବ୍ୟୁରୋ)**

ବିଜୁ ନିର୍ମାଣ ଶ୍ରମିକ ସଂଘର ଶ୍ରମଜୀବୀ ସମାବେଶ ଶନିବାର ନାରୀସେବା ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁଧାଂଶୁ ଶେଖର ମହାରଣା ଏଥିରେ ଅଧକ୍ଷତା କରିଥିଲେ। ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରମିକମାନଙ୍କ ଲାଗି ରାଜ୍ୟ ସରକାର କରିଥିବା ଯୋଜନା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ସମ୍ବଲପୁର ଏମ୍‌ପି ଭବାନୀଶଙ୍କର ହୋତା, କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ ମହାନ୍ତି, ଶ୍ରମିକ ନେତା ଗୋକୁଳ ମେହେର, ଆଇନଜୀବୀ ଆର୍ତ୍ତତ୍ରାଣ ମିଶ୍ର ସମ୍ମାନିତ ଅତିଥି ଓ ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ସିପ୍ରା ମହାନ୍ତି, ଗୁରୁଜିନ୍ଦର କୌର, ବାମଦେବ ଷଡଙ୍ଗୀ, ଆର୍ତ୍ତତ୍ରାଣ ମିଶ୍ର, ମହମ୍ମଦ ସନାଉଲ୍ଲା, ମହମ୍ମଦ ଅଜିମ୍ ଅଞ୍ଜୁ, ଅନାଦି ସାହୁ, ବିହାରୀଲାଲ ପଂସାରୀ, ଅମୂଲ୍ୟ ମିଶ୍ର, ରାମସାଗର ସାହୁ, ପଦ୍ମାଳୟା ପଟ୍ଟନାୟକ ଓ ମୂଳିଆ ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ରାଜ୍ୟ ଜନସ୍ୱାର୍ଥ ଯାନ୍ତ୍ରିକ କର୍ମଚାରୀ ସଂଘ ଜୋନାଲ ସମ୍ପାଦକ ସଦାଶିବ ବିଶୋଇଙ୍କୁ ଶ୍ରମିକ ଶିରୋମଣି ସମ୍ମାନ ପ୍ରଦାନ କରାଯାଇଥିଲା। ସଂଘ ସାଧାରଣ ସମ୍ପାଦକ କୁଳଶେଖର ବାରିକ ବିବରଣୀ ପାଠ କରିଥିବାବେଳେ ସରୋଜ ସାହୁ ଧନ୍ୟବାଦ ଦେଇଥିଲେ।

# ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସୁଦୃଢ଼ ହେବ: ମନ୍ତ୍ରୀ




ମନ୍ତ୍ରୀ ନବ କିଶୋର ଦାସ ଜଣେ ଆଶାକର୍ମୀଙ୍କୁ ସମ୍ମାନିତ କରୁଛନ୍ତି।

**ଝାରସୁଗୁଡ଼ା ଅଫିସ୍,୬।୩**

**ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମାବେଶ**

ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶନିବାର ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସୁଦୃଢ଼ ହେବ। ସ୍ୱାସ୍ଥ୍ୟସେବା ରାଜ୍ୟ ସରକାରଙ୍କ ପ୍ରାଥମିକତା ବୋଲି ଦର୍ଶାଇ କୋଭିଡ୍ ଭଳି ମହାମାରୀ ସମୟରେ ଡାକ୍ତର, ଆଶା, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ପୋଲିସ ଓ ଜିଲା ପ୍ରଶାସନର ଭୂମିକା ପ୍ରଶଂସନୀୟ ବୋଲି କହିଥିଲେ । ଜିଲାପାଳ ସରୋଜ କୁମାର ସାମଲ କୋଭିଡ୍ ମହାମାରୀର ଦ୍ୱିତୀୟ ସଂକ୍ରମଣର ସମ୍ଭାବନାକୁ ଦୃଷ୍ଟିରେ ରଖି ସମସ୍ତେ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏହାସହିତ ଆଶା, ଅଙ୍ଗନୱାଡି କର୍ମୀମାନେ ସ୍ୱାସ୍ଥ୍ୟସେବାରେ ନିୟୋଜିତ ହୋଇ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ପ୍ରଶଂସା କରିଥିଲେ। ଜିଲାରେ ଗର୍ଭବତୀ ମହିଳା ଓ ଶିଶୁକନ୍ୟା ମୃତ୍ୟୁ ହାର ହ୍ରାସ ଦିଗରେ ସମସ୍ତେ ଚେଷ୍ଟିତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିକୁ ସମ୍ମାନିତ କରାଯାଇଥିଲା। ସଚେତନତାଧର୍ମୀ କୁଇଜ୍ ଓ ପାଲା ପରିବେଷଣ ହୋଇଥିଲା। ସାହରପୁର, ଲଖନପୁର ଓ ଭଅଁରଖୋଲ ଗ୍ରାମ ପଞ୍ଚାୟତ ୨୦୨୦-୨୧ ପାଇଁ ସୁସ୍ଥ ପଞ୍ଚାୟତ ଭାବେ ପୁରସ୍କୃତ ହୋଇଥିଲା। ସେହିପରି ବନ୍ଧପାଲି, ଚାରପାଲି ଓ ତିଳିଆ ପଞ୍ଚାୟତ ୨୦୧୯-୨୦ ପାଇଁ ପୁରସ୍କୃତ ହୋଇଛନ୍ତି। ମରାକୁଟା, ଠାକୁରପାଲି, ପରମାଣପୁର, ଟେଙ୍ଗେଣାମାଲ, ତାଳମୁଣ୍ଡା, ଦେବଦରହ, ଭାତଲଇଡା, ଗୁଡିଗାଁ, ଡେଙ୍ଗୁରେପାର ଆଦି ଗ୍ରାମ ସୁସ୍ଥ ଗ୍ରାମ ଭାବେ ପୁରସ୍କୃତ ହୋଇଛନ୍ତି। ଜିଲାର ୭୬ମହିଳା ଆରୋଗ୍ୟ ସମିତିକୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଜିଲା ମୁଖ୍ୟ ଚିକିତ୍ସକ ଡା. ଲାଲ ମୋହନ ରାଉତରାୟ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସକ ଡା. ଡୋଳାମଣି ପଟେଲ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସୁପ୍ରଭା ସେଠ୍, ଡିପିଏମ୍ ବୁଲୁନାଥ ସାହୁ, ରମେଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ସମ୍ମିଳନୀ

**ସମ୍ବଲପୁର, ୬।୩ (ବ୍ୟୁରୋ)**

ସମ୍ବଲପୁର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲାସ୍ତରୀୟ ଆଶା, ଅଙ୍ଗନୱାଡି ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଶନିବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲାପାଳ ଶୁଭମ୍ ସକ୍‌ସେନା, ପିଡି ଡିଆରଡିଏ ସୁକାନ୍ତ ତ୍ରିପାଠୀ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. କୁବେର ମହନ୍ତ, ଡିପିଏମ ମୌସୁମୀ ମିଶ୍ର, ଡିଏସ୍‌ଡବ୍ଲ୍ୟୁଓ ଗୀତାଞ୍ଜଳି ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଭରତ ଦାଶ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଏହି ଅବସରରେ ଯୁଯୁମୁରା ବ୍ଲକ ପଡିଆବାହାଲ ଅଞ୍ଚଳର ରୀନା ପ୍ରଧାନଙ୍କୁ ଶ୍ରେଷ୍ଠ ଆଶାକର୍ମୀ, ରେଙ୍ଗାଲି ବ୍ଲକ ଚାଉଳଢ଼ିପ ଗ୍ରାମର ଦୀପ୍ତିମୟୀ ସାହୁଙ୍କୁ ଦ୍ୱିତୀୟ ଓ ବାମରା ବ୍ଲକର କେଶେଇବାହାଲ ପଞ୍ଚାୟତର ଜୟନ୍ତୀ ନାୟକଙ୍କୁ ତୃତୀୟ ଆଶାକର୍ମୀ ଭାବେ ପୁରସ୍କୃତ କରାଯାଇଥିଲା। ନିଷ୍ଠାବାନ କାର୍ଯ୍ୟ ସକାଶେ ଆଶାକର୍ମୀ ଓ ଗାଁ କଲ୍ୟାଣ ସମିତିଙ୍କୁ ମଧ ପୁରସ୍କୃତ କରାଯାଇଥିଲା। ଆଶା ମ୍ୟାନେଜର ସସ୍ମିତା ପଣ୍ଡା ଅଧକ୍ଷତା କରିଥିବାବେଳେ ଜିକେଏସ୍ ମ୍ୟାନେଜର ଏସ୍‌କେ ଦାଶ ମଞ୍ଚ ପରିଚାଳନା କରିଥିଲେ।

# ଶ୍ରୀରାମ ବାଟିକାରେ ସନ୍ଥ ସମ୍ମିଳନୀ

**ସମ୍ବଲପୁର, ୬।୩ (ବ୍ୟୁରୋ)**

ସନ୍ଥ ସମ୍ମିଳନୀ ଓ ଚବିଶ ପ୍ରହର ନାମଯଜ୍ଞ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ କେନଘାଟି ଶ୍ରୀରାମ ବାଟିକାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳର ୪୦ କୀର୍ତ୍ତନ ଦଳ ସାମିଲ ଥିଲେ। ଗିରିବର ଦାସ ମହାରାଜ, ଭରତ ଦାସ ମହାରାଜଙ୍କ ସମେତ ଶହେ ଜଣ ସନ୍ଥ ଯୋଗଦେଇଥିଲେ। ଶତ୍ରୁଘନ ଲାଲ ସାହା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

# ସ୍କୁଲ୍ ପଡ଼ିଆରେ ହେବ ମଡେଲ ଟଏଲେଟ୍

**ଝାରସୁଗୁଡ଼ା ଅଫିସ୍,୬।୩**

ଝାରସୁଗୁଡ଼ା ମନମୋହନ ସ୍କୁଲ୍ ପଡିଆରେ ରାଜ୍ୟ ଓ ଜିଲାସ୍ତରୀୟ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଏଠାରେ ବହୁ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ସ୍କୁଲ୍ ପଡିଆରେ ଜିଲା ଖଣିଜ ପାଣ୍ଠି ଅନୁଦାନରୁ ୨୨ଲକ୍ଷ ୭୦ହଜାର ଟଙ୍କା ବ୍ୟୟରେ ମଡେଲ ଟଏଲେଟ୍ ନିର୍ମାଣ ହେବ। ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଶନିବାର ଭୂମିପୂଜନ କରିଛନ୍ତି। ପୂର୍ବତନ ନଗରପାଳ ତାପସ ରାୟ ଚୌଧୁରୀ, ମୋ ସ୍କୁଲ୍ ଅଭିଯାନର ସଭାପତି ତୁଳସୀ ପ୍ରସାଦ ଦାସ, ଜିଲା ଶିକ୍ଷାଧିକାରୀ କଳ୍ପନା ପଣ୍ଡା, ବ୍ଲକ୍ ଶିକ୍ଷାଧିକାରୀ ସୁଶାନ୍ତ କୁମାର ଘୁଟା, ଏବିଇଓ ରବୀନ୍ଦ୍ର ସାହୁ, ସ୍କୁଲ୍ ପ୍ରଧାନଶିକ୍ଷକ ଆନନ୍ଦ ସାହୁ, ସାମାଜିକ କର୍ମୀ ପିଣ୍ଟୁ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭୋଜପୁର କଲେଜରେ ଟ୍ରାଫିକ ସଚେତନତା ଶିବିର




କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

**ସମ୍ବଲପୁର, ୬।୩ (ବ୍ୟୁରୋ)**

ସମ୍ବଲପୁର ଜିଲା ଭୋଜପୁର କଲେଜରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭୋଜପୁର କଲେଜ ଅଧ୍ୟକ୍ଷ ପ୍ରତାପ ମହାକୁଡ ଏଥିରେ ଅଧ୍ୟକ୍ଷତା କରିଥିଲେ। ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଟ୍ରାଫିକ ନିୟମ ବିଷୟରେ ଅବଗତ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଫାଶିମାଲ କଲେଜଠାରେ ମଧ ଜ୍ୟୋସ୍ନାରାଣୀ ଦଳବେହେରାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା ।

# ଆଇନଶୃଙ୍ଖଳା ନେଇ ଏସ୍‌ପିଙ୍କୁ ଭେଟିଲା ଜିଲା କଂଗ୍ରେସ

**ସମ୍ବଲପୁର, ୬।୩ (ବ୍ୟୁରୋ)**

ସଂପ୍ରତି ସମ୍ବଲପୁରରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଅନୁସୂଚିତ ଜାତିର ନାବାଳିକାଙ୍କୁ ବଳତ୍କାର ଓ ହତ୍ୟା ଉଦ୍ୟମ ଘଟଣା ନଜରକୁ ଆସିଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରିନାହିଁ। ଅପରପକ୍ଷେ ବୁର୍ଲା ଭିମସାରଠାରେ ଶିଶୁଙ୍କୁ ଅସଦାଚରଣ କରାଯାଇଛି। ସମ୍ବଲପୁର ସହରରେ ନିଶା କାରବାର ଅବାଧରେ ଚାଲିଛି। ଟ୍ରାଫିକ ବ୍ୟବସ୍ଥା ମଧ ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ଏହି ସମସ୍ୟାର ସମାଧାନ ନେଇ ଶନିବାର ଜିଲା କଂଗ୍ରେସ କମିଟି ପ୍ରତିନିଧି ଦଳ ଏସ୍‌ପିଙ୍କୁ ଭେଟିଥିଲା। ଏସ୍‌ପି ବାତୁଲା ଗଙ୍ଗାଧର ସମସ୍ତ ଦିଗରେ ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିନିଧି ଦଳରେ ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ, ନିରଞ୍ଜନ ତ୍ରିପାଠୀ, ସୁତାପା ମିତ୍ର, ବିଜୟ ଲକ୍ଷ୍ମୀ ବେହେରା, ସସ୍ମିତା ଦେହୁରି, ତ୍ରିଲୋଚନ ପୁରୋହିତ, ଶିବ ପ୍ରଧାନ, ରବି ରାଉତ, ଅଶୋକ ସୋନୀ ପ୍ରମୁଖ ସାମିଲ ଥିଲେ।

# ୯ରେ କୋଲାବିରା ବ୍ଲକ୍ କାର୍ଯ୍ୟାଳୟ ଘେରାଉ

**ଝାରସୁଗୁଡ଼ା ଅଫିସ,୬।୩**




ବୈଠକସ୍ଥଳରେ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଶ୍ରମିକଙ୍କ ସମସ୍ୟା ନେଇ ପ୍ରଗତିଶୀଳ ଶ୍ରମିକ ମଞ୍ଚର ବୈଠକ**

ଝାରସୁଗୁଡ଼ା ଜିଲା କୋଲାବିରା ମିନି ଷ୍ଟାଡିୟମରେ ଶନିବାର ପ୍ରଗତିଶୀଳ ଶ୍ରମିକ ମଞ୍ଚ ତରଫରୁ ରାଜ୍ୟ ସାଧାରଣ ସମ୍ପାଦକ ରକ୍ଷାକର ଅନୁପମଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍‌ର ଶତାଧିକ ମହିଳାପୁରୁଷ ଶ୍ରମିକ ଯୋଗଦେଇଥିଲେ। ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କୁ ସାମାଜିକ ନିରାପତ୍ତା ଯୋଗାଇଦେବା ସହ କଲ୍ୟାଣ ବୋର୍ଡ ଗଠନ କରିବା, ନିର୍ମାଣ ଶ୍ରମିକଙ୍କୁ ଚିହ୍ନଟକରି ନାମ ପଞ୍ଜୀକରଣ କରିବା ସହ ସହାୟତା ଯୋଗାଇଦେବା, ଉଡନ୍ତା ପାଉଁଶକୁ ସଦ୍‌ଉପଯୋଗ କରି ସ୍ଥାନୀୟ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ନେଇ ମଞ୍ଚ ତରଫରୁ ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ହକ୍ ଓ ଅଧିକାର ରାଲି କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ରାଲି ଆସନ୍ତା ୮ରୁ ଏପ୍ରିଲ ୮ତାରିଖ ପର୍ଯ୍ୟ ଚାଲିବ। ଏ ନେଇ ଜିଲାର ବିଭିନ୍ନ ବ୍ଲକ୍‌ରେ ବୈଠକ କରାଯାଇ ଶ୍ରମିକଙ୍କୁ ସଙ୍ଗଠିତ କରାଯିବ। ଏହାସହିତ ଆସନ୍ତା ୯ତାରିଖରେ ଶ୍ରମିକମାନଙ୍କୁ ନେଇ କୋଲାବିରା ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ମଞ୍ଚର ରାଜ୍ୟ ସାଧାରଣ ସମ୍ପାଦକ ଅନୁପମ ଘୋଷଣା କରିଛନ୍ତି। ଏଥିରେ ବହୁସଂଖ୍ୟାରେ ଶ୍ରମିକ ଯୋଗଦେବା ପାଇଁ ସେ ଆହ୍ୱାନ କରିଛନ୍ତି। ବୈଠକରେ ମଞ୍ଚର ପଶ୍ଚିମ ଓଡ଼ିଶା ଆବାହିକା ସୁଷମା ସାହୁ, ହରିଶଙ୍କର ସାହୁ, ସୁବନ୍ତି ଖଡିଆ, ସୁମନ୍ତ ଶେଖର ବହିଦାର, ଚେରୁମଣି କାଲୋ, ଲାଲାରାମ ଛତ୍ରିଆ, ମହିମା ମରେଇ, ଯମୁନା ମୁଣ୍ଡା, ସନ୍ତୋଷ ଦଳାଇ, କରୁଣା କିଷାନ ପ୍ରମୁଖ ଉପସ୍ଥିତ ରହି ମତାମତ ଦେଇଥିଲେ।

GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
COURT OF THE RECOVERY OFFICER
Plot No. C/71, Sector-7, CDA, Cuttack-753014
FORM NO. ITCP-I

**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)
**R. P. No. 23/2020/CTC**
(Arising out of OA No. 115 of 2014)
Next Date: 19.04.2021

United Bank of India, Chandrasekherpur Branch ...Certificate Holder Bank
Vs.
M/s. Seashore Agricultural Promotion Co. Pvt. Ltd. & Ors. ...Certificate Debtors

To
1. M/s. Seashore Agricultural Promotion Co. Pvt. Ltd., Plot No.: 298/A. Saheed Nagar, Bhubaneswar.
2. Sri Prashanta Kumar Dash, S/O.: Sri Umesh Chandra Dash, Flat No.-205, N.A. Majestic, Jharpada, Bhubaneswar-751006
3. M/s. Seashore Securities Ltd., Plot NO.: B-58, Chandaka, Industrial Estate, Patia, P.O.-Kiit, Bhubaneswar, Represented through its Managing Director Sri Prashanta Kumar Dash, S/O.: Sri Umesh Chandra Dash, Khurda-751024

Take notice that Certificate arising out of **OA No. 115 of 2014** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 11,33,68,876.00 (Rupees Eleven Crore Thirty Three Lac Sixty Eight Thousand Eight Hundred Seventy Six Only)** together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. Decretal Dues | | :Rs. | 11,33,68,876.00 |
| 2. Cost allowed | (+) | :Rs. | 1,50,000.00 |
| 3. Interest @ 14.20% p.a. with yearly rests from 22.01.2014 to 12.04.2019 | | :Rs. | 8,41,08,564.10 |
| | Total | :Rs. | 19,76,27,440.10 |

(Rupees Nineteen Crore Seventy Six Lac Twenty Seven Thousand four Hundred Forty and Paise Ten only) with of interest **@ 14.20% p.a.** with yearly rests on the amount due from **13.04.2019** till realization of the entire Dues.

2. You are hereby directed to pay the above stated sum within **15 (Fifteen)** days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc., and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **19.04.2021** and report the details of payment made by you.

Given under my hand & seal at Cuttack on this **24th day of February, 2021.**
**Sd/- (R.P. Patnaik)**
**Recovery Officer**

**୧୫ ଘଣ୍ଟା ବିଦ୍ୟୁତ୍ କାଟ**

ଅତାବିରା,(ଡି.ଏନ.ଏ): ବରଗଡ ଜିଲା ଭେଡେନ ବ୍ଲକ ଖୁଣ୍ଟୁଲିପାଲି ବିଦ୍ୟୁତ୍ ସେକ୍ସନର ଦେଶଭଟିଲି, ଦେଶପର୍ଥଲା, ବିଶିପାଲି, ଉଦେପୁର, ଦେଶକୁମ୍ଭାରୀ ଆଦି ଗ୍ରାମରେ ଶୁକ୍ରବାର ରାତି ୧୦ଟାରୁ ଶନିବାର ୧୨ଟା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ଫଳରେ ଏହି ଗାଁଗୁଡିକ ଅନ୍ଧାରରେ ଥିଲା। ଆଗକୁ ଆହୁରି ପ୍ରଚଣ୍ଡ ରୌଦ୍ରତାପ ହେବ। ଏପରି ବିଦ୍ୟୁତ କାଟ୍ କରାଗଲେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିବ ।

## ସଂକ୍ଷେପରେ

### ଟ୍ରକ୍ ଚାଳକଙ୍କୁ ଛୁରା ମାଡ଼ କରି ଟଙ୍କା ଲୁଟ୍, ୨ ଗିରଫ



**ବଲାଙ୍ଗୀର ଅଫିସ, ୬।୩:** ବଲାଙ୍ଗୀର ମନୋହରପୁର ରାସ୍ତାରେ ଏକ ହାଇୱା(ଓଡି୦୩ପି୫୧୯୬)କୁ ଶନିବାର ଭୋର ୪ଟା ବେଳେ ତିନିଜଣ ଯୁବକ ଅଟକାଇ ଲୁଟ୍‌ପାଟ କରିଛନ୍ତି। ଡ୍ରାଇଭର ଆନନ୍ଦ ସାହୁଙ୍କୁ ଛୁରି ମାଡ କରି ତାଙ୍କଠାରୁ ୧ ହଜାର ଟଙ୍କା ଲୁଟି ନେଇଥିଲେ। ଡ୍ରାଇଭର ସାହୁ ପାଟି କରିବାରୁ ନିକଟସ୍ଥ ଲୋକେ ଦୌଡି ଆସିଥିଲେ। ଡ୍ରାଇଭର ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣଙ୍କୁ କାବୁ କରି ନେଇଥିଲେ । ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପରେ ଟାଉନ୍ ଥାନା ପୋଲିସକୁ ଦୁଇ ଅଭିଯୁକ୍ତଙ୍କୁ ଜିମା ଦିଆଯାଇଛି । ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି । ଅନ୍ୟ ଅଭିଯୁକ୍ତ ବଲାଙ୍ଗୀର ହାତୀପଡାର ସଞ୍ଜୟ କୁମ୍ଭାର (୨୧)ଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତଙ୍କଠାରୁ ୧ ହଜାର ଟଙ୍କା ଓ ଷ୍ଟିଲ ଛୁରି ଜବତ କରାଯାଇଛି । ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୬୦/୨୧) ରୁଜୁ କରାଯାଇଛି।

### ବରିଷ୍ଠଙ୍କୁ କରୋନା ଟିକା

**ଅତାବିରା, ୬।୩ (ଡି.ଏନ.ଏ):** ବରଗଡ ଜିଲା ଅତାବିରା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ୬୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକମାନଙ୍କୁ କରୋନା ଟିକା ଦିଆଯାଇଛି। ପ୍ରଥମେ ସେମାନଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ପରେ ମେଡିକାଲ ଅଫିସର ଡା. ରବିନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଟିକା ଦିଆଯାଇଥିଲା। ଅସହ୍ୟ ତାତି ସତ୍ତ୍ୱେ ଟିକା ନେବା ପାଇଁ ବରିଷ୍ଠ ନାଗରିକଙ୍କ ଭିଡ ହୋଇଥିଲା। ବେଣୁଧର ମିଶ୍ର, ବୀରେନ୍ଦ୍ର ମିଶ୍ର, ଭୋଳାନାଥ ପ୍ରଧାନ ପ୍ରମୁଖ ଟିକା ନେଇଥିଲେ ।

### ପ୍ରୟୋଗଶାଳା ସହାୟକଙ୍କ ବଦଳି ପାଇଁ ବିଡିଓଙ୍କୁ ଦାବିପତ୍ର

**ଲାଠୋର, ୬।୩(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ମାଲପଡା ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ନିଯୁକ୍ତ ଦୁଇ ପ୍ରୟୋଗ ଶାଳା ସହାୟକଙ୍କୁ ଅନ୍ୟତ୍ର ବଦଳି ପାଇଁ ମୂଳ ନିବାସୀ ମହିଳା ସଙ୍ଘର୍ଷ ସମିତି ଦାବି କରିଛି। ସଂଗଠନ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଶନିବାର ବିଡିଓ ତରଣୀ ସୁନାଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, କରୋନା କଟକଣା ପରେ ବିଦ୍ୟାଳୟ ଖୋଲିବା ଦିନଠାରୁ ଭୌତିକ ବିଜ୍ଞାନ ଓ ଜୀବ ବିଜ୍ଞାନ ବିଭାଗ ପ୍ରୟୋଗ ଶାଳା ସହାୟକ ବିଦ୍ୟାଳୟକୁ ଆସୁ ନାହାନ୍ତି। ପିଲାମାନେ ବ୍ୟବହାରିକ ଶିକ୍ଷାଦାନରୁ ବଞ୍ଚିତ ରହିଛନ୍ତି। ଏହାର ପ୍ରତିବାଦରେ ମୂଳ ନିବାସୀ ମହିଳା ସଂଘର୍ଷ ସମିତି ରାଜ୍ୟ ସଭାନେତ୍ରୀ ବନିତା ସାମଲଙ୍କ ଅଧକ୍ଷତାରେ ମାଲପଡାଠାରେ ଏକ ବୈଠକ ବସିଥିଲା। ପିଲାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଦୁଇ କର୍ମଚାରୀ ତୁରନ୍ତ କାର୍ଯ୍ୟରେ ଯୋଗଦାନର ବ୍ୟବସ୍ଥା ଅଥବା ଅନ୍ୟତ୍ର ବଦଳି କରି ନୂଆ କର୍ମଚାରୀ ନିଯୁକ୍ତି କରିବା ନେଇ ବିଚାର କରାଯାଇଥିଲା।

### ବରଗଡ ଜିଲାକୁ ୬ ସ୍ୱର୍ଣ୍ଣ, ୨ ରୌପ୍ୟ ପଦକ

**ଅତାବିରା, ୬।୩ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ବଡଗାଁଠାରେ ଚାଲିଥିବା ବସୁନ୍ଧରା ସଶକ୍ତୀକରଣ କାର୍ଯ୍ୟକ୍ରମରେ ବରଗଡ଼ ଜିଲାର ମୋଟ ୩୩ ଜଣ ଗାଇଡ ଓ ୩ଜଣ ଗାଇଡ କ୍ୟାପ୍‌ଟେନ ଅଂଶଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରେ ଅତାବିରା ବ୍ଲକ ଟୋପ ଓ ଗୋଡଭଗା ହାଇସ୍କୁଲର ୧୬ ଜଣ ଗାଇଡ୍ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ବରଗଡ ଜିଲାର ପ୍ରତିଯୋଗୀମାନେ ୬ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ହାସଲ କରିଛନ୍ତି।

### ମରାମତି ହେଉନି ଅଚଳ ନଳକୂପ

**ଅତାବିରା, ୬।୩ (ଡି.ଏନ.ଏ):** ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତର ଉଦେପୁର ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ନଳକୂପ ଏକ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ଅଚଳ ହୋଇ ପଡିଛି। ଏହାକୁ ମରାମତି କରିବା ପାଇଁ ଦାବି କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଅଭିଯୋଗ ହେବାର ୨୪ ଘଣ୍ଟା ମଧ୍ୟରେ ନଳକୂପ ମରାମତି କରିବାକୁ ନିର୍ଦ୍ଦେଶ ଥିଲେ ମଧ ଏଠାରେ ବ୍ୟତିକ୍ରମ ଦେଖାଦେଇଛି ।

# ଚାଷୀଙ୍କୁ ପ୍ରତିଶ୍ରୁତି ମିଛ

**ପଦ୍ମପୁର, ୬।୩ (ଡି.ଏନ.ଏ)**



ମଣ୍ଡିକୁ ଗୋରୁ ପଶି ଧାନ ନଷ୍ଟ କରୁଛନ୍ତି ।

- ଧାନ ବିକ୍ରି ହୋଇପାରୁନି
- ସୋମବାରଠାରୁ ଦିବାରାତ୍ର ଅନଶନ
- ମଣ୍ଡିରେ ଧାନ ନଷ୍ଟ କରୁଛନ୍ତି ଗୋରୁ

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଚାଷୀଙ୍କ ଧାନ ବିକ୍ରି ସମସ୍ୟା ବର୍ତ୍ତମାନ ସୁଦ୍ଧା ସମାଧାନ ହୋଇପାରିନାହିଁ। ରାଜବୋଡାସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ବିଭିନ୍ନ ସ୍ଥାନରେ ରାସ୍ତାରୋକୋ, ସରକାରୀ ଅଫିସ୍‌ରେ ଧାନ ଗଦା କରିବା ସହ ତାଲା ପକାଇ ମଣ୍ଡିରୁ ଧାନ ଉଠାଇବାକୁ ଦାବି କରିଥିଲେ। ମାର୍ଚ୍ଚ ୫ ତାରିଖ ସୁଦ୍ଧା ଦାବି ପୂରଣ କରାଯିବ ବୋଲି ପ୍ରଶାସନ ସେତେବେଳେ ପ୍ରତିଶ୍ରୁତି ଦେଇଥିଲା। ମାତ୍ର ତାହା ମିଛ ପ୍ରତିଶ୍ରୁତି ଥିଲା ବୋଲି କୃଷକ ସଙ୍ଗଠନ ଅଭିଯୋଗ କରିଛି। ଅନ୍ୟପକ୍ଷେ ଅସଲି ଚାଷୀଙ୍କ ଧାନ କିଣାଯିବ ବୋଲି ସରକାର ବିଧାନସଭାରେ ଘୋଷଣା କରିଥିଲେ। ମାତ୍ର ସପ୍ତାହେ ପରେ ବି ଧାନ ଉଠାଇବା କିମ୍ବା ଟୋକନ ରି-ଜେନେରେଟ ପାଇଁ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଆସନ୍ତା ସୋମବାରଠାରୁ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଦିବାରାତ୍ର ଅନଶନ କରିବା ପାଇଁ କୃଷକ ସଙ୍ଗଠନ ପକ୍ଷରୁ ପ୍ରଶାସନକୁ ଶନିବାର ଲିଖିତ ଭାବେ ଅବଗତ କରାଯାଇଛି।

ପଦ୍ମପୁର ଉପଖଣ୍ଡର ବିଭିନ୍ନ ମଣ୍ଡିରେ ୫ଲକ୍ଷ ୭୮ହଜାର ପ୍ୟାକେଟ ଧାନ ପଡିରହିଛି। ଧାନ ବିକ୍ରି ହେଉ ନ ଥିବାରୁ ଅନେକ ଚାଷୀ ନିରାଶ ହୋଇ ଖୁବ କମ୍ ଦରରେ ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ସେହିପରି ଯେଉଁ ଚାଷୀଙ୍କ ଧାନ ମଣ୍ଡିରେ ପଡିଛି, ଜଗୁଆଳି ନ ଥିବାରୁ ସେଠାକୁ ଗାଈଗୋରୁ ପଶି ଧାନ ନଷ୍ଟ କରୁଥିବା ଦେଖିବାକୁ ମିଳୁଛି। ପ୍ରଶାସନର ଏଭଳି ଅଣଦେଖା ମନୋଭାବକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ନିଜ କଷ୍ଟୋପାର୍ଜିତ ଧାନ ମଣ୍ଡିରେ ବିକ୍ରି କରିବୁ, ନଚେତ ଆମ ଉତ୍ପାଦିତ ଫସଲକୁ ଆମେ ନଷ୍ଟ କରିବୁ ବୋଲି ପଦ୍ମପୁର ବ୍ଲକ ସାରସମାଲ ଗ୍ରାମର ଚାଷୀ ହୃଦମଣି ବେହେରା, ଚଣ୍ଡୀପାଲିର ଭରତ ପଧାନ, ନୂଆପାଲିର ମହିଳା ଚାଷୀ ବନିତା ନାଏକ, ସତିଭଟା ଗ୍ରାମର ଚିତ୍ତରଞ୍ଜନ ପାଣ୍ଡେ, ରମେଶ ସାହୁ, ରଣଜିତ ସାହୁ ପ୍ରମୁଖ କହିଛନ୍ତି। ରାଜବୋଡାସମ୍ବର କୃଷକ ସଙ୍ଗଠନର ଆବାହକ ଅଶୋକ କୁମାର ସାହୁ ପ୍ରଶାସନ ସହିତ ଚାଷୀଙ୍କର ଏହି ଲଢ଼େଇ ଜୋରଦାର ହେବ ଏବଂ ଦାବି ପୂରଣ ପର୍ଯ୍ୟନ୍ତ ଚାଲିବ ବୋଲି କହିଛନ୍ତି।

# ଉଠିପାରୁନି ୬୫୪୨ବସ୍ତା ଧାନ

**ଦେଓଗାଁ, ୬।୩ (ଡି.ଏନ.ଏ.)**

**ଅର୍ଜୁନପୁର ପ୍ୟାକ୍ସ**
- ଟାର୍ଗେଟ ଥିଲେ ବି କମ୍ପ୍ୟୁଟରରେ ନ ଦର୍ଶାଇବାରୁ ସମସ୍ୟା
- ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛୁ: ଏସ୍‌ଆଇଆରସିଏସ
- ଚିନ୍ତାରେ ୧୦୪ ଚାଷୀ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ପ୍ୟାକ୍ସରେ ଧାନକିଣାକୁ ନେଇ ଅବ୍ୟବସ୍ଥା ଲାଗି ରହିଛି। ଟୋକନ ଆସି ନ ଥିବାରୁ ପ୍ୟାକ୍ସର ୧୦୪ ଚାଷୀ ଧାନ ବିକ୍ରି କରି ନ ପାରିନାହାନ୍ତି। ପ୍ରଥମେ ଟାର୍ଗେଟ ନ ଆସିବାରୁ ଧାନକ୍ରୟ ହୋଇ ପାରି ନ ଥିଲା। ପରେ ଟୋକନ ଲ୍ୟାପ୍ସ ହୋଇଯିବାରୁ ଚାଷୀଙ୍କ ମଧ୍ୟରେ ଭାଳେଣି ପଡିଛି। ପ୍ରକାଶ ଯେ, ଫେବୃୟାରୀ ୨୬ ତାରିଖରୁ ୬୨ଜଣ ଚାଷୀଙ୍କ ୬୫୪୨ ପ୍ୟାକେଟ ଧାନ ପ୍ୟାକ୍ସ ପରିସରରେ ପଡିରହିଛି। ଉକ୍ତ ଧାନକୁ ଚାଷୀ ଓ ପ୍ୟାକ୍ସ କର୍ମଚାରୀ ଉଜାଗର ରହି ଜଗୁଛନ୍ତି । କିଛି ଦିନ ତଳେ ୧୦୦୦ କୁଇଣ୍ଟାଲ ଧାନକ୍ରୟ ପାଇଁ ଟାର୍ଗେଟ ଆସିଥିବା ବିଭାଗ ତରଫରୁ ସୂଚନା ଦିଆଯାଇଥିବା ପ୍ୟାକ୍ସ ସମ୍ପାଦକ ବୃନ୍ଦାବନ ନାଏକ ପ୍ରକାଶ କରିଥିଲେ। କିନ୍ତୁ ଟାର୍ଗେଟ କମ୍ପ୍ୟୁଟରରେ ନ ଦେଖାଇବାରୁ ଧାନକ୍ରୟ ହୋଇ ପାରି ନ ଥିଲା । ପରେ ୧୦୪ ଚାଷୀଙ୍କ ଟୋକନ ଲ୍ୟାପ୍ସ ହୋଇଯିବାରୁ ଏବେ ଟୋକନ ଓ ଟାର୍ଗେଟ ଅପେକ୍ଷାରେ ସମସ୍ତ ଚାଷୀ ଚାହିଁ ବସିଛନ୍ତି । ଉପସହକାରୀ ନିବନ୍ଧକ ସମବାୟ ସମିତି ସମୂହ, ବଲାଙ୍ଗୀର ରବୀନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରୁ ଅର୍ଜୁନପୁର ପ୍ୟାକ୍ସରେ ଧାନ ପଡି ରହିବା ତଥା ଟାର୍ଗେଟ ମଞ୍ଜୁର ହୋଇଥିଲେ ହେଁ କମ୍ପ୍ୟୁଟରରେ ନ ଦର୍ଶାଇବା ନେଇ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରିଛୁ ବୋଲି କହିଥିଲେ। ଉକ୍ତ ଧାନକୁ ବିଭାଗ କ୍ରୟ ନ କଲେ ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।


ପ୍ୟାକ୍ସରେ ଖୋଲାରେ ପଡି ରହିଛି ଧାନବସ୍ତା।

# ଅଙ୍ଗନଦୀରେ ପ୍ରସ୍ତାବିତ ବ୍ୟାରେଜ ନିର୍ମାଣରେ ବିଳମ୍ବ

**ଲୋଇସିଂହା,୬।୩(ଡି.ଏନ.ଏ.)**

**ତେଜୁଛି ଚାଷୀ ଅସନ୍ତୋଷ**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଗଲପୁର ବ୍ଲକ କୁଟାସିଂହା ଅଙ୍ଗନଦୀରେ ଏକ ବ୍ୟାରେଜ ନିର୍ମାଣ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତାବ ରହିଛି । ହେଲେ ବ୍ୟାରେଜ ନିର୍ମାଣରେ ବିଭାଗ ପକ୍ଷରୁ ଅହେତୁକ ବିଳମ୍ବ କରାଯାଉଥିବାରୁ ଚାଷୀ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରସ୍ତାବିତ ବ୍ୟାରେଜକୁ ଶୀଘ୍ର କାର୍ଯ୍ୟକାରୀ ପାଇଁ ଅଞ୍ଚଳବାସୀ ବିଧାୟକ ମୁକେଶ ମହାଲିଙ୍ଗ ନିକଟରେ ଶୁକ୍ରବାର ଫେରାଦ ହୋଇଛନ୍ତି। ଆଗଲପୁର ବ୍ଲକ ଦେଇ ସୁବର୍ଣ୍ଣପୁର ଜିଲାକୁ ଅଙ୍ଗନଦୀ ବହିଯାଇଛି। ୨୦୧୯ ମସିହାରେ କୁଟାସିଂହା ନିକଟବର୍ତ୍ତୀ ଅଙ୍ଗନଦୀରେ ଏକ ବ୍ୟାରେଜ ନିର୍ମାଣ ସକାଶେ ଜଳ ସମ୍ପଦ ବିଭାଗ ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରି ସର୍ବେକ୍ଷଣ କରିଥିଲେ। ବ୍ୟାରେଜ ହେଲେ ସାଲେଭଟା, ମୁରୁସୁଣ୍ଡି ଓ କୁଟାସିଂହା ପଞ୍ଚାୟତର ୨ ହଜାର ହେକ୍ଟର ଚାଷ ଜମି ଜଳସେଚିତ ହୋଇପାରିବ ବୋଲି ସେତେବେଳେ ଚାଷୀଙ୍କୁ କୁହାଯାଇଥିଲା ।ଇତିମଧ୍ୟରେ ୩ ବର୍ଷ ବିତି ଯାଇଥିଲେ ସୁଦ୍ଧା ବିଭାଗ ବ୍ୟାରେଜ ନିର୍ମାଣ ଦିଗରେ ପଦକ୍ଷେପ ଗ୍ରହଣ କରିନାହିଁ । ବିଭାଗୀୟ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ସ୍ଥାନୀୟ ଅଧିବାସୀ ପଦକ୍ଷେପ ନେବାକୁ ଅନେକ ଥର ଭେଟି ଜଣାଇ ନିରାଶ ହେବାକୁ ପଡିଛି । ଏହାକୁ ନେଇ ୩ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି । ଚାଷ ଓ ଚାଷୀର ବୃହତ ସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକ ପଦକ୍ଷେପ ନେବାକୁ ପିତାମ୍ବର କଣ୍ଡା, ଗୋବର୍ଦ୍ଧନ ସାହୁ, ପ୍ରକାଶ ବେହେରା, ସମୀର ସାହୁ, ରାମଜି ପାତ୍ର, ଶତ୍ରୁଘ୍ନ ପୁରୋହିତ, ଦଶରଥ ପଧାନ ପ୍ରମୁଖ ଦାବି କରିଛନ୍ତି।

# ବିବାହିତ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ

**ବାପଘର ଲୋକେ ଆଣିଲେ ହତ୍ୟା ଅଭିଯୋଗ**

**ଗୋଲାମୁଣ୍ଡା, ୬।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେଗାଁ ଥାନା ଅନ୍ତର୍ଗତ କନକପୁର ଗ୍ରାମର ଏକ ଜଙ୍ଗଲ ନିକଟରେ ଶୁକ୍ରବାର ଅପରାହ୍ନରେ ଜଣେ ବିବାହିତ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ମୃତା ହେଲେ କନକପୁର ଗ୍ରାମର ଶ୍ୟାମସୁନ୍ଦର ନାଏକଙ୍କ ସ୍ତ୍ରୀ ପ୍ରିୟଙ୍କା। କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା ତାହା ଅସ୍ପଷ୍ଟ ରହିଛି। ତେବେ ପ୍ରିୟଙ୍କାଙ୍କ ବାପା ମଙ୍ଗନିଆ ରଣା ତାଙ୍କ ଝିଅଙ୍କୁ ହତ୍ୟା କରାଯାଇଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି କେଗାଁ ଥାନା ପୋଲିସ ଦଫା ୪୯୮(ଏ), ୩୦୨, ୩୦୪(ବି), ୨୦୧, ୩୪ ଆଇପିସିରେ ଏକ ମାମଲା(ନଂ ୨୪/୨୧)ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଆଇଆଇସି ଡମ୍ବୁ ପରଜା କହିଛନ୍ତି। ଘଟଣାସ୍ଥଳକୁ ସାଇଣ୍ଟିଫିକ ଟିମ ଆସି ତଦନ୍ତ କରିଛି । ଶନିବାର ଅପରାହ୍ନରେ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମୃତ ମହିଳାଙ୍କ ୫ ବର୍ଷର ଦୁଇ ଜାଆଁଳା ପୁଅ ରହିଛନ୍ତି। ପ୍ରିୟଙ୍କାଙ୍କ ବାପାଘର ଧର୍ମଗଡ ଥାନା ବିକ୍ରମଗୁଡା ହୋଇଥିବା ବେଳେ ୬ ବର୍ଷ ତଳେ ତାଙ୍କର ବାହାଘର ହୋଇଥିଲା।

# ମଦ ବିରୋଧରେ ତାତିଲେ ମହିଳା

**ବାଉଁଶୁଣୀ, ୬।୩ (ଡି.ଏନ.ଏ.)**


ମହିଳାମାନେ ମଦ ପାଉଚକୁ ପୋଡି ଦେଉଛନ୍ତି।

ବୌଦ୍ଧ ବ୍ଲକ ତଥା ମନମୁଣ୍ଡା ଥାନା ଅନ୍ତର୍ଗତ ଜାମଟାଙ୍ଗୀ ଗ୍ରାମରେ ଅବାଧରେ ଚାଲିଛି ମଦ କାରବାର। ଏ ନେଇ ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସ ନିକଟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଏଥିରେ ପ୍ରୋତ୍ସାହିତ ହୋଇ ବେପାରୀମାନେ ମଦ କାରବାରକୁ ବଢାଇ ଚାଲିଛନ୍ତି। ଏଥିଯୋଗୁ ଗାଁର କେତେକ ଲୋକେ ବିଶେଷ କରି ଯୁବଗୋଷ୍ଠୀ ନିଶାପାନ କରି ନାନାଦି ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି। ପାରିବାରିକ ବିଶୃଙ୍ଖଳା ବିଷମ ପରିସ୍ଥିତି ସୃଷ୍ଟି କରୁଛି। ମଦ୍ୟପାନ କରି ଗାଁଦାଣ୍ଡରେ ଗାଳିଗୁଲଜ କରିବାରେ ଝିଅବୋହୂ ଯାତାୟାତ ବେଳେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଶେଷରେ ମାହେଶ୍ୱରୀ କ୍ଲବ ତରଫରୁ ଶନିବାର ଜମଟାଙ୍ଗୀ ଗ୍ରାମରେ ମଦ ବିରୋଧୀ ଅଭିଯାନକୁ ଜୋରଦାର କରାଯାଇଥିଲା। ଏଥିରେ ଗ୍ରାମର ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇଥିଲେ। କୁଚିଆ ମଦ କାରବାର କରୁଥିବା ଜଣେ ଚୋରା ମଦ ବେପାରୀଙ୍କୁ ମଦ ଯୋଗାଉଥିବା ବ୍ୟକ୍ତିଙ୍କଠାରୁ ମହିଳାମାନେ ୨୦୦ ମଦ ପାଉଚ ଜବତ କରି କୁଚିଆ ଦୋକାନ ଆଗରେ ପୋଡି ଦେଇଥିଲେ। ପରେ ମଦ ବିକ୍ରି ବନ୍ଦ କରିବା ପାଇଁ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ୱାର୍ଡସଭ୍ୟା ପୁଷ୍ପାଞ୍ଜଳି ଦନାୟକ, ମହେଶ୍ୱର ସାହୁ, ମହେଶ୍ୱରୀ କ୍ଲବ ସଭାପତି ପଦ୍ମଲୋଚନ ମହଲା, ରସାନନ୍ଦ ଭୋକ୍ତା, ପ୍ରଫୁଲ୍ଲ ଭୋକ୍ତା, ରଞ୍ଜିତ ସାହୁ, ଲକ୍ଷ୍ମୀନ୍ଦ୍ର ଦେହୁରୀଙ୍କ ସହ ଏହି ଆନ୍ଦୋଳନରେ ସମଲେଶ୍ୱରୀ, ସାରଳା, ଜୟ ଜଗନ୍ନାଥ, ଜୟ ମାଁ ତାରିଣୀ, ଜୟ ଗଣେଶ, ମହାଲକ୍ଷ୍ମୀ, ସିଂହବାହିନୀ ଆଦି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟାମାନେ ସାମିଲ ହୋଇଥିଲେ।

# ଅଟୋକୁ ଧକ୍କାଦେଲା ଟ୍ରକ୍, ୫ ଜଣ ଆହତ

**ବାଉଁଶୁଣୀ, ୬।୩ (ଡି.ଏନ.ଏ)**

ଶନିବାର ୫୭ ନଂ ଜାତୀୟ ରାଜପଥର ଗୁଡୁଗୁଡା ନିକଟରେ ଏକ ଟ୍ରକ ଯାତ୍ରୀବାହୀ ଅଟୋକୁ ଧକ୍କା ଦେବାରେ ଅଟୋରେ ଥିବା ୫ଜଣ ଆହତ ହୋଇଛନ୍ତି। ଅପରାହ୍ନ ଗୋଟାଏ ସମୟରେ ଓଆର ୨୭-୩୦୧୬ନଂ ଅଟୋରେ ବାଉଁଶୁଣୀ ଥାନା ବହିରା ଗ୍ରାମର ଏକ ପରିବାର ବିବାହ ଭୋଜିରେ ଯୋଗଦେବାକୁ ରକ୍ସା ପଞ୍ଚାୟତର ମହେଶ୍ୱରପିଣ୍ଡାକୁ ଯାଉଥିଲେ। ଗୁଡୁଗୁଡା ପୋଲ ନିକଟରେ ମନମୁଣ୍ଡା ପଟରୁ ଆସୁଥିବା ମାଲ ବୋଝେଇ ଟ୍ରକ (ଏମଏଚ ୧୯ ଜେଡ- ୫୩୭୮) ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା ୪ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ଆହତମାନେ ହେଲେ ବହିରା ଗ୍ରାମର ଅମୂଲ୍ୟ ଦେହୁରୀ, କୁନି ସେଠୀ, ଶ୍ରାବଣୀ ବେହେରା, ସେବକ ବେହେରା ଓ କୌଶଲ୍ୟା ବେହେରା । ବାଉଁଶୁଣୀ ଦମକଳ ବାହିନୀ ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ସିଏଚ୍‌ସିରେ ଭର୍ତ୍ତି କରିଥିଲେ। ପରେ ଅମୂଲ୍ୟଙ୍କୁ ସୋନପୁର ସ୍ଥାନାନ୍ତରିତ କରାଯାଇଛି ।

# ସୀମାନ୍ତ ଗାଁ ବୁଲିଲେ ଜିଲାପାଳ



ଜିଲାପାଳ ଏବଂ ବିଭାଗୀୟ ଅଧିକାରୀ ସୀମାନ୍ତ ଚର୍ଦ୍ଦାପାଲି ଗାଁ ଗସ୍ତ କରିଛନ୍ତି ।

**ପଦ୍ମପୁର,୬।୩(ଡି.ଏନ.ଏ)**

ଛତିଶଗଡ ସୀମାନ୍ତବର୍ତ୍ତୀ ବରଗଡ଼ ଜିଲା ଚରଦାପାଲି ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମକୁ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଶନିବାର ଗସ୍ତ କରିଥିଲେ। ଏହି ସମୟରେ ସେ ଗ୍ରାମବାସୀଙ୍କଠାରୁ ସୁବିଧା ଅସୁବିଧା, ସରକାରୀ ଯୋଜନାର ରୂପାୟନ ଉପରେ ପଚାରି ବୁଝିଥିଲେ। ଜିଲାପାଳ ସୀମାନ୍ତ ଗୁଣ୍ଡିଚାଡିହି ଗ୍ରାମକୁ ଯାଇ ଆବାସ ଯୋଜନା, ବିଦ୍ୟୁତୀକରଣ, ସ୍ୱାସ୍ଥ୍ୟସେବା, ପାନୀୟ ଜଳଯୋଗାଣ, ସାମାଜିକ ସୁରକ୍ଷା, ଏମ୍‌ଜିଏନଆରଇଜିଏସ୍, ସାଧାରଣ ବଣ୍ଟନ ବ୍ୟବସ୍ଥା ଗାଁରେ କିପରି ଚାଲିଛି ଲୋକଙ୍କୁ ପଚାରି ବୁଝିଥିଲେ। ପରେ ସେ ଚର୍ଦ୍ଦାପାଲି ଉଚ୍ଚ ବିଦ୍ୟାଳୟ ହଷ୍ଟେଲ ଛାତ୍ରୀଛାତ୍ରଙ୍କ ସହିତ ପାଠପଢ଼ା ବିଷୟରେ ବାର୍ତ୍ତାଳାପ କରିଥିଲେ। ଜିଲାପାଳ ପ୍ରଧାନ ଚଙ୍ଗରିଆ, ଚରଦାପାଲି, ଲହଣ୍ଡିପୁର, ଲୁହୁରାକୋଟ ଆଦି ଗ୍ରାମକୁ ଯାଇ ଲୋକଙ୍କ ସହିତ ସ୍ଥାନୀୟ ସମସ୍ୟା ଏବଂ ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ପଚାରି ବୁଝିଥିଲେ। ଉପାନ୍ତ ଅଞ୍ଚଳରେ ପ୍ରଶାସନ ତରଫରୁ ବିଭିନ୍ନ ସମୟରେ କ୍ୟାମ୍ପ କରି ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ, ଚରଦାପାଲି ସରପଞ୍ଚ ଗିରିଶ ଚନ୍ଦ୍ର ନାଏକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ପାଇକମାଳ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ମାଂସଭୋଜିରୁ ମାରପିଟ, ହତ୍ୟା

**ବଲାଙ୍ଗୀର ଅଫିସ, ୬।୩**


ବଙ୍ଗାଳୀ ମିସ୍ତ୍ରି ହତ୍ୟାକାଣ୍ଡରେ ଗିରଫ ୬ ଅଭିଯୁକ୍ତ ।

**ବଙ୍ଗାଳୀ ମିସ୍ତ୍ରି ହତ୍ୟା ଘଟଣାର ପର୍ଦ୍ଦାଫାଶ**
- ମୃତକଙ୍କ କକାଙ୍କ ସମେତ ୬ ଅଭିଯୁକ୍ତ ଗିରଫ
- ଅଭିଯୁକ୍ତମାନେ ପଶ୍ଚିମବଙ୍ଗ ମୁର୍ଶିଦାବାଦ୍ ଅଞ୍ଚଳର

ବଲାଙ୍ଗୀର ସହର ଗେଟ୍‌ସରୋବରପଡାର ଏକ ଡ୍ରେନ୍‌ରୁ ଶୁକ୍ରବାର ସକାଳେ ବଙ୍ଗାଳୀ ମିସ୍ତ୍ରୀ ବାନିରୁଲ ଶେଖ୍ (୨୩)ଙ୍କ ମୃତଦେହକୁ ଟାଉନ୍ ଥାନା ପୋଲିସ ଜବତ୍ କରିଥିଲା। ହେଲେ ମୃତ୍ୟୁ କାରଣ ସ୍ପଷ୍ଟ ହୋଇ ନ ଥିଲା। ପୋଲିସ ମୃତ ବାନିରୁଲଙ୍କ ସହ ରହୁଥିବା ୬ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଶନିବାର ଆଦର୍ଶ ଟାଉନ୍ ଥାନା ପରିସରରେ ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଖବରଦାତା ସମ୍ମିଳନୀ ଡାକି ମିସ୍ତ୍ରୀ ହତ୍ୟାକାଣ୍ଡ ଘଟଣା ଉପରୁ ପର୍ଦ୍ଦା ହଟାଇଛନ୍ତି। ଏହି ହତ୍ୟାକାଣ୍ଡରେ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ହାଇଦର ଅଲୀ (୩୬), ସାମୁଏଲ ଶେଖ୍ (୩୦), ୱାସିମ୍ ଶେଖ୍ (୩୨), ନାଜୁ ଶେଖ୍ (୨୧), ନବାବ ସରିଫ୍ (୨୦) ଓ ୱାହିଦୁଲ ଶେଖ୍ (୩୩) । ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ଠିକାଦାର ହାଇଦର ଅଲୀ ପୁତୁରା ବାନିରୁଲ ଶେଖ୍‌ଙ୍କ ସହ ଅନ୍ୟ ୫ଜଣଙ୍କୁ ନେଇ ଘର ତିଆରି କାମ କରିବାକୁ କିଛି ମାସ ପୂର୍ବରୁ ବଲାଙ୍ଗୀର ଆସି ଗେଟ୍‌ସରୋବରପଡାଠାରେ ଏକ ଭଡାଘର ନେଇ ରହୁଥିଲେ। ଗୁରୁବାର ରାତିରେ ଉକ୍ତ ଭଡାଘରେ ମାଂସଭୋଜିର ଆୟୋଜନ କରାଯାଇଥିଲା। ଖାଇବା ସମୟରେ ବାନିରୁଲଙ୍କ ସହ ଅନ୍ୟମାନଙ୍କ ଝଗଡା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ କାକା ହାଇଦର ଓ ଅନ୍ୟମାନେ ତାଙ୍କୁ ନିସ୍ତୁକ ମାଡ ମାରିଥିଲେ। ଏକ କୋଡିରେ ବାନିଙ୍କ ମୁଣ୍ଡରେ ମାଡ ମାରିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ପରେ ରକ୍ତ ଜୁବୁବୁବୁ ବାନିଙ୍କ ପ୍ୟାଣ୍ଟକୁ କାଢ଼ିଦେଇ ଅଭିଯୁକ୍ତମାନେ ଏକ ବେଡସିଟ୍‌ରେ ମୃତଦେହକୁ ବାନ୍ଧି ଛାତ ଉପରୁ ଘର ପଛପଟ ଡ୍ରେନ୍‌କୁ ଫିଙ୍ଗି ଦେଇଥିଲେ । ପୋଲିସ ଘଟଣାସ୍ଥଳରୁ ରକ୍ତଲଗା ପ୍ୟାଣ୍ଟ ଓ ଅନ୍ୟାନ୍ୟ ମାରଣାସ୍ତ୍ର ସହ ଉପରୋକ୍ତ ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଏସ୍‌ଡିପିଓ ବାରିକ ସୂଚନା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଟାଉନ୍ ଥାନା ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକ ଉପସ୍ଥିତ ଥିଲେ ।

**ଗଛ ପଡି ରାସ୍ତା ଅବରୋଧ**



ରିଷିଡା,(ଡି.ଏନ.ଏ): କଳାହାଣ୍ଡି ଜିଲା ରିଷିଡା-ମ.ରାମପୁର ମୁଖ୍ୟରାସ୍ତାର ପରମାନପୁର ନିକଟରେ ଶନିବାର ପୂର୍ବାହ୍ନରେ ଗଛ ପଡି ରାସ୍ତା ଅବରୋଧ ହୋଇଛି। ଫଳରେ ମ.ରାମପୁର-ରିଷିଡା, ଡୁଷୁରା, ବଲାଙ୍ଗୀରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସକାଳେ ଚାଷ ଜମିରେ କୌଣସି କାରଣରୁ ନିଆଁ ଲାଗି ମୁଖ୍ୟରାସ୍ତା କଡରେ ଥିବା ଗଛରେ ଲାଗିଥିଲା। ଗଛଟି ପୋଡି ମୁଖ୍ୟ ରାସ୍ତା ଉପରେ ପଡି ଯାଇଥିଲା । ଚାରିଚକିଆ ହାଲୁକା ଯାନଗୁଡିକ ଗୋଛାଡେଙ୍ଗେନ-ଅଲାତରା ରାସ୍ତାରେ ମ.ରାମପୁର ଯାତାୟାତ କରୁଥିବା ବେଳେ ବସ୍ ଓ ଟ୍ରକଗୁଡିକ ରାସ୍ତାରେ ଅଟକି ରହିଥିଲା ।

## ସଂକ୍ଷେପରେ



### କଳିଙ୍ଗ ହର୍ବାଲ୍ ମେଳା ଉଦ୍ଘାଟିତ

**ବଲାଙ୍ଗୀର ଅଫିସ, ୬।୩:** ବଲାଙ୍ଗୀର କୋଶଳ କଳାମଣ୍ଡଳ ପଡିଆରେ ଦୀର୍ଘ ୯ ବର୍ଷ ବ୍ୟବଧାନରେ ଅନୁଷ୍ଠିତ କଳିଙ୍ଗ ହର୍ବାଲ୍ ମେଳାକୁ ଶନିବାର ସନ୍ଧ୍ୟାରେ ଡିଏଫ୍ଓ ସମୀର ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍ଘାଟନ କରିଛନ୍ତି । ଏହି ମେଳାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ୫୦ଟି ଷ୍ଟଲ ଲଗାଯାଇଛି। ଆୟୁର୍ବେଦ, ଜଡିବୁଟି ଔଷଧ ଓ ଚିକିତ୍ସାର ବହୁଳ ପ୍ରସାର ଉଦ୍ଦେଶ୍ୟରେ ଆୟୋଜିତ ଏହି ମେଳାରେ ବଲାଙ୍ଗୀର ଜିଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ବୈଦ୍ୟମାନେ ଯୋଗଦାନ କରିଛନ୍ତି। ଆୟୁର୍ବେଦ ଜରିଆରେ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କୁହାଯାଇଛି। ସମ୍ମାନିତ ଅତିଥିଭାବେ ନୃସିଂହନାଥ ବନସ୍ପତି ବନ ସମିତିର ବିଭୂତି ଭୂଷଣ ମୁଣ୍ଡ, ବଲାଙ୍ଗୀର ଏସିଏଫ୍ ଅଜିତ୍ ବିଶି, ବଲାଙ୍ଗୀର ଆୟୁର୍ବେଦିକ କଲେଜ ପ୍ରଫେସର ଡା ପ୍ରଦୀପ ପଣ୍ଡା ମଞ୍ଚାସୀନ ହୋଇଥିଲେ । ସଭାକୁ ବୈଦ୍ୟ ଝସକେତନ ଗୁରୁ ସଂଯୋଜନା କରିଥିଲେ । ଡିଏଫ୍ଓ ଶତପଥୀ ବୈଦ୍ୟ ପରମ୍ପରାକୁ ଲୋକପ୍ରିୟ କରିବା ସହ ଜଡିବୁଟି ମାଧ୍ୟମରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ଏହି କାର୍ଯ୍ୟକ୍ରମର ଆୟୋଜନର ଲକ୍ଷ୍ୟ ବୋଲି କହିଥିଲେ ।

### ଫେରାର ଅଭିଯୁକ୍ତ ଗିରଫ

**ଉଲୁଣ୍ଡା, ୬।୩(ଡି.ଏନ.ଏ.):** ଗଂଜେଇ ଚୋରାଚାଲାଣ ବେଳେ ଚକମା ଦେଇ ଫେରାର ହୋଇଯାଇଥିବା ଜଣେ ଅଭିଯୁକ୍ତଙ୍କୁ ଶନିବାର ଉଲୁଣ୍ଡା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅନ୍ତର୍ଗତ ମହେଶ୍ୱରପିଣ୍ଡା ଗ୍ରାମର ନିରାକାର ସାହୁ । ଗତ ତା୧୪।୨।୧୯ ରିଖରେ ଏକ କାର ସୋନପୁର ପଟୁ ସମ୍ବଲପୁର ଆଡକୁ ଯାଉଥିଲା। ଏହି ସମୟରେ ଉଲୁଣ୍ଡା ପୋଲିସକୁ ଦେଖି ବସ୍ଷ୍ଟାଣ୍ଡ ନିକଟରେ ଅଭିଯୁକ୍ତ ଜଣକ କାର ଛାଡି ଫେରାର ହୋଇ ଯାଇଥିଲେ। ସନ୍ଦେହରେ ପୋଲିସ ଯାଞ୍ଚ କଲାପରେ ଗାଡିରେ ଗଞ୍ଜେଇ ଥିବା ଜଣାପଡିଥିଲା। ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ନିରାକାରଙ୍କୁ ଶୁକ୍ରବାର ରାତିରେ ଉଲୁଣ୍ଡା ପୋଲିସ ଗିରଫ କରିଥିଲା।

### କୋମନାରେ ମାଙ୍କଡ଼ ଉପଦ୍ରବ

**ନୂଆପଡ଼ା ଅଫିସ,୬।୩:** ନୂଆପଡା ଜିଲା କୋମନା ଅଞ୍ଚଳରେ ଜଙ୍ଗଲି ମାଙ୍କଡଙ୍କ ଉପଦ୍ରବ ଦିନକୁ ଦିନ ବଢି ଚାଲିଛି । ମାଙ୍କଡ ଜଙ୍ଗଲ ଛାଡି ସହର ତଥା ବିଭିନ୍ନ ଗାଁକୁ ଖାଦ୍ୟ ଅନ୍ୱେଷଣ ପାଇଁ ଚାଲି ଆସୁଛନ୍ତି। ବିଶେଷ କରି କୋମନା ସଦର ଟାଉନରେ ମାଙ୍କଡଙ୍କ ଉପଦ୍ରବ ଲୋକଙ୍କୁ ନାକେଦମ କରି ଦେଉଛି। ଛପର ଘର ଉପରେ ଡେଇଁ ଦେଉଥିବାରୁ ଖପର ସବୁ ଭାଙ୍ଗି ଯାଉଥିବା ଅଭିଯୋଗ ହେଉଛି। ଘର ବାଡିରେ ଥିବା ଚାଷ ସବୁ ଖାଇ ନଷ୍ଟ କରିଦେଉଛି। କୋମନା ଅଞ୍ଚଳରେ ଅଧିକ କରି ପନିପରିବା ଚାଷ କରିଥାନ୍ତି । ଘର ବାଡିରେ ଆଳୁ, ବାଇଗଣ, କୋବି, ପାତଲଘଣ୍ଟା, ଲଙ୍କା, ଶାଗ, ଧନିଆ ପତ୍ର, ମୂଳା ଓ ସେମି ଭଳି ଅନେକ ପନିପରିବା ଚାଷ ବିକ୍ରୀ କରି ପରିବାର ପ୍ରତିପୋଷଣ କରିଥାନ୍ତି। ମାଙ୍କଡଙ୍କ ଉପଦ୍ରବ ଯୋଗୁ ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି । ଜମିରେ ଉତ୍ପାଦିତ ଫସଲ ମୁଗ, ବିରି, ଚଣା, ହରଡ ଇତ୍ୟାଦି ଚାଷକୁ ଖାଇ ନଷ୍ଟ କରି ଦେଉଛି। ବନ ବିଭାଗ ଦୃଷ୍ଟି ଦେଇ ମାଙ୍କଡଙ୍କୁ ଘୋଉଡାଇବାକୁ ଦାବି ହେଉଛି।

### ରାସ୍ତା କଡ଼ରେ ମାନସିକ ବିକାରଗ୍ରସ୍ତ ଯୁବତୀ

**ଅତାବିରା, ୬।୩ (ଡି.ଏନ.ଏ):** ଅତାବିରା ବ୍ଲକ ଗୋଡଭଗା-ତୁରୁମ ୫୪ ନଂ. ରାଜ୍ୟ ରାଜପଥର ଭାଲୁଡୁଙ୍ଗୁରୀ ନିକଟରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀ ଅସହାୟ ଅବସ୍ଥାରେ ପଡିରହିଥିବା ଦେଖିବାକୁ ମିଳିଛି। ତାଙ୍କ ପରିଚୟ, ଠିକଣା ପଚରାଇଲେ ମଧ ସେ କହିପାରୁନାହାନ୍ତି। ସେ ଜଣେ ଅଣଓଡିଆ ଯୁବତୀ। ଉକ୍ତ ଅସହାୟ ଯୁବତୀଙ୍କୁ ଉଦ୍ଧାର କରି ଥଇଥାନ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚରାଯିବାରୁ ଅସହାୟ ମହିଳାଙ୍କ ଥଇଥାନ ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

# ଜଳୁଛି ଜଙ୍ଗଲ, ବିପଦରେ ବନ୍ୟଜନ୍ତୁ

**ବୌଦ୍ଧ/ତଳଗାଁ,୬।୩ (ସ୍ୱ.ପ୍ର./ଡି.ଏନ.ଏ.)**

ବୌଦ୍ଧ ଜିଲାର ସଂରକ୍ଷିତ ଜଙ୍ଗଲଗୁଡିକ ଏବେ ନିଆଁ ଘେରରେ। କନ୍ଧମାଳ, ମନମୁଣ୍ଡା, ବୌଦ୍ଧ, ପୁରୁଣାକଟକ ଓ ମାଧପୁର ରେଞ୍ଜର ବିଭିନ୍ନ ସ୍ଥାନରେ ନିଆଁ ଲାଗିଛି । ଜିଲା ସାରା ଜଙ୍ଗଲ ଜଳୁଥିବା ବେଳେ ବନ ବିଭାଗ ନିଆଁକୁ ଆୟତ୍ତ କରିବାରେ ବିଫଳ ହୋଇଛି । ମୁଣ୍ଡେଶ୍ୱର ସଂରକ୍ଷିତ ଜଙ୍ଗଲର ମାଧପୁର ରେଞ୍ଜ କାର୍ଯ୍ୟାଳୟଠାରୁ ମାତ୍ର ଦୁଇ କିଲୋମିଟର ଜାତୀୟ ରାଜପଥ କଡ ଜଙ୍ଗଲଗୁଡିକ ଜଳୁଥିବା ବେଳେ ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳ ଜଙ୍ଗଲ ପରିସ୍ଥିତ କିପିରି ଥିବ ସ୍ପଷ୍ଟ ଅନୁମେୟ । ଜିଲାର ଅଧିକାଂଶ ଅଞ୍ଚଳ ବଣ ପାହାଡ ଘେରା ଓ ଆଦିବାସୀ ବହୁଳ ଅଞ୍ଚଳ । ଏଠାକାର ଅଧିକାଂଶ ଅଧିବାସୀ ବନଜାତ ଦ୍ରବ୍ୟ



ଜଙ୍ଗଲରେ ଲାଗିଥିବା ନିଆଁ।

ସଂଗ୍ରହ କରି ପରିବାର ପୋଷଣ କରିଥାଆନ୍ତି । କିନ୍ତୁ ଜଙ୍ଗଲରେ ନିଆଁ ଲାଗିବାରୁ ଜଙ୍ଗଲଜାତ ଦ୍ରବ୍ୟ ପୋଡି ପାଉଁଶ ହୋଇଯାଉଛି। ବନ୍ୟଜନ୍ତୁଙ୍କ ପ୍ରତି ବିପଦ ରହିଛି । ଏହାଛଡା ଗୋଟିଏ ପଟେ ଖରାର ପ୍ରକୋପ ବଢିବାରେ ଲାଗିଥିବା ବେଳେ ଜଙ୍ଗଲର ନିଆଁ ଉତ୍ତାପ ବୃଦ୍ଧିର କାରଣ ହୋଇଛି। ଜଙ୍ଗଲରେ ନିଆଁ ଲାଗିବା ଯୋଗୁ ବିଭିନ୍ନ ଔଷଧୀୟ ତଥା ମୂଲ୍ୟବାନ ଗଛ ପୋଡି ନଷ୍ଟ ହେଉଛି। ଏହାଛଡା ଜଙ୍ଗଲ ଜଳିବା ଯୋଗୁ ପରିବେଶ ଧୂଆଁମୟ ହେବା ସହ ରାସ୍ତାରେ ଯାଉଥିବା ପଥଚାରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପବନ ହେଲେ ନିଆଁ ଉଡି ଗାଁ ପୋଡିବାର ଭୟ ରହିଛି। ଏକକାଳୀନ ପାଞ୍ଚଟି ରେଞ୍ଜରେ ଜଙ୍ଗଲ ଜଳୁଥିଲେ ମଧ ବନ ବିଭାଗ ନିକଟରେ ନିଆଁ ଲିଭାଇବା ପାଇଁ ଆବଶ୍ୟକ ସୁବିଧା ଓ କର୍ମଚାରୀ ନ ଥିବା ଚିନ୍ତା ବଢାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

## ଅନୁସୂଚିତ ଜାତି ପ୍ରତିରୋଧ ଆଇନ ଆଲୋଚନାଚକ୍ର




ବିକାଶ ଲ କଲେଜରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକବୃନ୍ଦ ।

**ବରଗଡ଼ ଅଫିସ୍,୬।୩**

ବରଗଡ଼ ସହର ଉପକଣ୍ଠ ବିକାଶ ଲ ସ୍କୁଲ ଓ ଜିଲା ଆଇନ ପ୍ରାଧିକରଣ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଶନିବାର ଅନୁସୂଚିତ ଜାତି ପ୍ରତିରୋଧ ଆଇନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଡ଼ିଜେ ତଥା ସ୍ପେଶାଲ ଜଜ୍ (ପକ୍ସୋ) ଆଶୁତୋଷ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିକାଶ ଲ ସ୍କୁଲର ଅଧ୍ୟକ୍ଷ ପ୍ରଫେସର ଡଃ ବିକ୍ରମ କୁମାର ଦାସ, ବିକାଶ ଗ୍ରୁପ୍ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ବିକାଶ ଲ ସ୍କୁଲର କୋର୍ଡ଼ିନେଟର ଶିବାନନ୍ଦ ସାହୁ, ଜିଲା ଆଇନ ସେବା ପ୍ରାଧିକରଣ ସଂସ୍ଥାର ସମ୍ପାଦକ ଲିଲିମା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକାଶ ଲ ସ୍କୁଲର ଛାତ୍ରୀ ରାକ୍ଷୀ ପ୍ରଧାନ, ଛାତ୍ର ଚର୍ଚ୍ଚିତ ପ୍ରଧାନ, କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପକ ଜୈମିନୀ କୁମାର ସାହୁ ଆଲୋଚନାଚକ୍ରରେ ନିଜ ମତ ରଖିଥିଲେ। ପରେ ଜେଏମ୍ଏଫ୍ସି ଏନ. କେ ସାହୁ, ସବଜଜ୍ ବି. କେ ସାହୁ, ସିଜେଏମ୍ ଏସ୍. କର, ଡିଏସ୍ପି ସୁଧାକର ସାହୁ ପ୍ରମୁଖ ଏହି ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଡିଜେ ଦାସ ଅନୁସୂଚିତ ଜାତି ଓ ଜନଜାତିର ଅଧିକାର, ଆଇନ ଉପରେ ଆଲୋକପାତ କରିବା ସହିତ ଛାତ୍ରୀଛାତ୍ରଙ୍କୁ ଏହି ଅଧିକାରକୁ ସମାଜର କୋଣ, ଅନୁକୋଣରେ ପହଞ୍ଚାଇବା ପାଇଁ ଉପଦେଶ ଦେଇଥିଲେ। ବିକାଶ ଗ୍ରୁପ୍ର ଚେୟାରମ୍ୟାନ ଡି. ମୁରଲି କ୍ରୀଷ୍ଣା, ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅଧ୍ୟାପିକା ରୋଜି ମେହେର ଓ ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ ସହଯୋଗ କରିଥିଲେ। ଅଧ୍ୟାପକ ନୟନଜ୍ୟୋତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କଲେଜ ଛାତ୍ରଙ୍କୁ ଅଣଛାତ୍ରଙ୍କ ଆକ୍ରମଣ

**ଖଡିଆଳ, ୬।୩ (ଡି.ଏନ.ଏ)**

ନୂଆପଡା ଜିଲା ଖଡିଆଳ ସ୍ଥିତ ମଡେଲ ଡିଗ୍ରୀ କଲେଜର ଜଣେ ଛାତ୍ରଙ୍କୁ କିଛି ଅଣ ଛାତ୍ର ଶନିବାର ଆକ୍ରମଣ କରିଛନ୍ତି। ଏ ନେଇ କଲେଜ କର୍ତ୍ତୃପକ୍ଷ ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି। ସୂଚନା ଅନୁସାରେ, ବୋଡେନ ବ୍ଲକ ଅଞ୍ଚଳର ନରେଶ ଜଗତ ଖଡିଆଳ ସ୍ଥିତ ମଡେଲ ଡିଗ୍ରୀ କଲେଜର ବାଣିଜ୍ୟ ବିଭାଗ ଛାତ୍ର। ସେ ଶନିବାର କ୍ଲାସ ସାରି ତୃତୀୟ ସେମିଷ୍ଟାର ଫର୍ମ ପୂରଣ କରିବାକୁ ଯାଉଥିବା ବେଳେ ଜଣେ ଅଣଛାତ୍ର ସହିତ ଧକ୍କା ହୋଇଥିଲା। ଏଥିଣେ ଉତ୍କ୍ଷିପ୍ତ ହୋଇ ଅଣଛାତ୍ର ଜଣକ କଲେଜ ପରିସରରେ ଏକ ଲୁହା ରଡରେ ନରେଶଙ୍କ ମୁଣ୍ଡକୁ ଆକ୍ରମଣ କରିବା ସହ ନିସ୍ଥୁକ ମାଡ ମାରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। ଏ ସମ୍ପର୍କରେ ଆଇଆଇସି କୈଳାଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି ।

## ଭିନ୍ନକ୍ଷମଙ୍କୁ ଉପକରଣ, ଭତ୍ତା ବଣ୍ଟନ

**ବଲାଙ୍ଗୀର ଅଫିସ, ୬।୩**

ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ଭାରତ ସରକାରଙ୍କ ଏଡିଆଇପି ଯୋଜନା ଏବଂ ରାଷ୍ଟ୍ରୀୟ ବୟୋଶ୍ରୀ ଯୋଜନାରେ ବିପିଏଲ ଶ୍ରେଣୀର ବରିଷ୍ଠ ନାଗରିକମାନଙ୍କ ସହାୟକ ଉପକରଣ ବଣ୍ଟନ ଶିବିର ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ଶନିବାର ଅନୁଷ୍ଠିତ ହୋଇଥିଲା । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥିଭାବେ ବଲାଙ୍ଗୀର ବ୍ଲକ ବିଡିଓ ରାମଦତ୍ତ ଭୋଇ, ବଲାଙ୍ଗୀର ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ଦୀପ, ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ପ୍ରଭୁ ପ୍ରସାଦ ଚୌଧୁରୀ, ଆଲିମ୍କୋର ଅଧିକାରୀ ଉପସ୍ଥିତ ଥିଲେ । ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ସାଧାରଣ ଲୋକ ହେଉ ବା ଭିନ୍ନକ୍ଷମ ମୌଳିକ ଅଧିକାରରୁ ଯେମିତି ବଞ୍ଚିତ



ଅଧିକାରୀଙ୍କ ଗହଣରେ ବିଧାୟକ ନରସିଂହ ମିଶ୍ର ଭିନ୍ନକ୍ଷମଙ୍କୁ ଉପକରଣ ବଣ୍ଟନ କରୁଛନ୍ତି ।

ହେବେନାହିଁ ଏହା ସୁନିଶ୍ଚିତ କରିବା ସରକାରଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ଏହି ଶିବିରରେ ବଲାଙ୍ଗୀର ବ୍ଲକର ୮୮ ଏବଂ ବଲାଙ୍ଗୀର ମ୍ୟୁନିସିପାଲିଟିର ୫୬ ଭିନ୍ନକ୍ଷମଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରାଯାଇଥିଲା । ଜିଲା ଶିକ୍ଷା ଓ ତାଲିମ ଅନୁଷ୍ଠାନ (ଡିଆଇଇଟି)ରେ ପଢୁଥିବା ଭିନ୍ନକ୍ଷମ ମେଧାବୀ ଛାତ୍ରୀ ରଶ୍ମିତା ଜେନାଙ୍କୁ ଏକ ମିନି ଟେପ୍ ପ୍ରଦାନ କରାଯାଇଥିଲା । ଅନ୍ୟ ଭିନ୍ନକ୍ଷମମାନଙ୍କୁ ଟ୍ରାଇସାଇକଲ, ଆଶାବାଡି, ଶ୍ରବଣଯନ୍ତ୍ର, ହ୍ୱିଲ ଚେୟାର, ସ୍ମାର୍ଟକେନ, ଏମଏସଆଇଡି କିଟ ଓ ମୋବାଇଲ ଫୋନ ବଣ୍ଟନ କରାଯାଇଥିଲା । ଏହା ସହ ୬ ଜଣ କିନ୍ନରଙ୍କୁ ୫୦୦ ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରାଯାଇଥିଲା। ୫୦ ଜଣଙ୍କୁ ବୈଷୟିକ ତାଲିମ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

## ସାପ୍ତାହିକ ବଜାରରେ ପୁଣି ମୋଇବାଲ ଚୋର ସକ୍ରିୟ

**ଲୋଇସିଂହା, ୬।୩(ଡି.ଏନ.ଏ)**

ଲୋଇସିଂହା ଥାନା ଅନ୍ତର୍ଗତ ବିଭିନ୍ନ ସାପ୍ତାହିକ ହାଟରେ ମୋଇବାଲ ଚୋର ସକ୍ରିୟ ହୋଇ ପଡିଛନ୍ତି। ଶନିବାର ଭାଲିଆମୁଣ୍ଡା ସାପ୍ତାହିକ ହାଟରୁ ମୋଇବାଲ ଚୋରି ନେଇ ବୁର୍ଡାର ତୁମେଶ୍ୱର ସାହୁ ଓ ଲୋଇସିଂହାର ନିଗମା ସାହୁ ଥାନାରେ ଅଭିଯୋଗ କରିଛନ୍ତି। ଶୁକ୍ରବାର ଫାସଡ ସାପ୍ତାହିକ ବଜାରୁ ଦୁମଦୁମି ଗ୍ରାମର ଦୁର୍ଗାମାଧବ କଲତାଙ୍କ ବାଇକ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଜାନୁୟାରୀରୁ ଫେବୃୟାରୀ ପ୍ରଥମ ସପ୍ତାହ ମଧ୍ୟରେ ଲୋଇସିଂହା ଥାନା ଅନ୍ତର୍ଗତ ଲୋଇସିଂହା(ମଙ୍ଗଳବାର), ରୁଗୁଡିଖାଲ(ଶୁକ୍ରବାର), ଭାଲିଆମୁଣ୍ଡା (ଶନିବାର) ହାଟରୁ ମୋଇବାଲ ଚୋରି ଅଭିଯୋଗ ହୋଇଥିଲା। ଫେବୃୟାରୀ ୫ତାରିଖ ରୁଗୁଡିଖାଲ ବଜାରରେ ମୋଇବାଲ ଚୋରିବେଳେ ଜଣେ ବାଳକ ଧରା ପଡିଥିଲା। ପଚରାଉଚରା ବେଳେ ବାଳକ ଜଣକ ବିହାରର ଓ ଅନ୍ୟ ୪ଜଣଙ୍କ ସହ ଏହି ଅଞ୍ଚଳକୁ ଆସିଥିବା ପୋଲିସକୁ କହିଥିଲେ । ଅଧିକ ତଦନ୍ତ ନକରି ସେହି ବାଳକକୁ ଚାଇଲଡ ଲାଇନକୁ ପୋଲିସ ହସ୍ତାନ୍ତର କରିଦେଇଥିଲା। ଏହାର ମାସକ ପରେ ଲୋଇସିଂହା ଅଞ୍ଚଳରେ ପୁଣି ମୋଇବାଲ ଚୋର ସକ୍ରିୟ ହେବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।

## ବଢୁଛି ଜବରଦଖଲ, ହେଉନି ଉଚ୍ଛେଦ

**ସୋନପୁର, ୬।୩(ନି.ପ୍ର.)**

**ସୁବର୍ଣ୍ଣପୁର ଜିଲା**
- ବଡ଼ବଡ଼ିଆଙ୍କ କବ୍ଜାରେ ସରକାରୀ ଜମି
- ସୋନପୁର ସହରରେ ୬୨୮ ଜବରଦଖଲକାରୀ ଚିହ୍ନଟ

ସୁବର୍ଣ୍ଣପୁର ଜିଲାରେ ସରକାରୀ ଜମି ଜବରଦଖଲ ବୃଦ୍ଧି ପାଉଛି। ଜବରଦଖଲ ସମସ୍ୟା ଯୋଗୁଁ ରାସ୍ତା ପ୍ରଶସ୍ତୀକରଣ, ସରକାରୀ କାର୍ଯ୍ୟାଳୟ ଓ ସରକାରୀ ଅଧିକାରୀଙ୍କ ବାସଭବନ ନିର୍ମାଣ ପାଇଁ ଜିଲା ସଦର ମହକୁମାରେ ସ୍ଥାନା ଭାବ ସୃଷ୍ଟି ହୋଇଛି। ସୋନପୁର ସହରରେ ସରକାରୀ ଜମିକୁ ପ୍ରାକ୍ତନ ବିଧାୟକ, ରାଜନେତା, ଅଧ୍ୟାପକ, ଶିକ୍ଷକ, ଠିକାଦାର ଓ ସରକାରୀ ଓକିଲଙ୍କ ଭଳି ବଡବଡିଆ ଲୋକେ ମାଡି ବସିଛନ୍ତି। କେବଳ ସରକାରୀ ଜମି ନୁହେଁ, ପୁରାତନ ଡ୍ରେନ୍ଗୁଡିକ ଜବରଦଖଲରେ ଥିବାରୁ ଡ୍ରେନ୍ ସଫେଇ ଓ ବର୍ଷା ସମୟରେ ଜଳ ନିଷ୍କାସନରେ ବାଧା ଉପୁଜୁଛି। ସହରରେ ୬୨୮ ଜଣ ଜବରଦଖଲକାରୀଙ୍କୁ ଚିହ୍ନଟ କରାଯାଇଛି। କିନ୍ତୁ ସେମାନଙ୍କୁ ଉଚ୍ଛେଦ ପାଇଁ ଜିଲା ପ୍ରଶାସନ ଠୋସ ପଦକ୍ଷେପ ନେଉନାହିଁ। ଜିଲା ଗଠନ ହେବା ପରେ ସହରରେ ଅନେକ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଖୋଲିଛି। ଏହି କାରଣରୁ ସୋନପୁରରେ ଜମିର ଚାହିଦା ମଧ୍ୟ ବଢିଛି। ବେସରକାରୀ ଜମି ଦର ଢେର ଅଧିକ ଥିବାରୁ ସରକାରୀ ଜମି ଉପରେ ଲୋକେ ଲୋଲୁପ ଦୃଷ୍ଟି ପକାଇଛନ୍ତି। ଏହାକୁ ନେଇ ମଧ୍ୟ ଜମି ଦଲାଲି କାରବାର ଚାଲିଛି। ସହରର ପଟାଭାଡି ଓ ଭବଗବତୀପ୍ଲଟ ଭଳି ଅଞ୍ଚଳରେ ସରକାରୀ ଜମିକୁ ଜବରଦଖଲକାରୀମାନେ ମୌଖିକ ଭାବରେ ଅନ୍ୟକୁ ବିକ୍ରି କରି ଅର୍ଥ ଉପାର୍ଜନ କରୁଛନ୍ତି। ସୋନପୁର ସହର ମଧ୍ୟରେ ବିଭିନ୍ନ ସ୍ଥାନରେ ଥିବା ଦେବୋତ୍ତର ଜମିଗୁଡିକ ମଧ୍ୟ ଜବରଦଖଲ ହେବାରେ ଲାଗିଛି। ରାସ୍ତାକଡରେ ଥିବା ବୁଢୀ ସମଲେଇଙ୍କ ଜମିକୁ ଜବରଦଖଲ କରି କିଛି ଲୋକ ବେଆଇନ ଭାବେ ବ୍ୟବସାୟିକ ପ୍ରତିଷ୍ଠାନ କରିଥିବା ଜଣାପଡିଛି। ସରକାରୀ ଜମି ବଡବଡିଆ ଲୋକେ ଜବରଦଖଲ କରିଥିବାରୁ ସେମାନଙ୍କୁ ଉଚ୍ଛେଦ ପାଇଁ ପ୍ରଶାସନ ସାହାସ ଜୁଟାଉ ନଥିବା ସାଧାରଣରେ ଅଭିଯୋଗ ହେଲାଣି। ସେହିପରି ସୋନପୁର-ଅର୍ଜୁନପୁର ରାସ୍ତା କଡରେ ଥିବା ପତରା ଜଙ୍ଗଲ ମଧ୍ୟ ଜବରଦଖଲ ହେବାରେ ଲାଗିଛି। ମାତ୍ର ବନ ବିଭାଗ କି ରାଜସ୍ୱ ବିଭାଗର ଏଥିପ୍ରତି ଦୃଷ୍ଟି ପଡୁନି। ଏହି ମୂଲ୍ୟବାନ ଜମି ଜବରଦଖଲ କରି କିଛି ବ୍ୟବସାୟୀ ସେଠାରେ ସିମେଣ୍ଟ ସାମଗ୍ରୀ ତିଆରି କରି ବିକ୍ରି କରୁଛନ୍ତି। କେବଳ ସୋନପୁର ସହର ନୁହେଁ ଜିଲାର ବିଭିନ୍ନ ଅଞ୍ଚଳରେ ଗୋଚର, ଅନାବାଦୀ ଓ ଗ୍ରାମ୍ୟ ଜଙ୍ଗଲ ଜମି ବଡବଡିଆଙ୍କ କବଜାରେ ରହିଛି। ଜବରଦଖଲ ହଟାଇବାକୁ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ଜିଲା ଲେଖିକା ପରିଷଦ ସମ୍ମିଳନୀ



ଜିଲା ଲେଖିକା ପରିଷଦର ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବରଗଡ଼ ଅଫିସ୍,୬।୩**

ବରଗଡ଼ ଜିଲା ଲେଖିକା ପରିଷଦର ବାର୍ଷିକ ସମ୍ମିଳନୀ ଶୁକ୍ରବାର ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି । କବିତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସମ୍ପାଦିକା ତପସ୍ୱିନୀ ମହାପାତ୍ର ସଂଯୋଜନା କରିଥିଲେ। ବରଗଡ଼ ଏମ୍ପି ସୁରେଶ ପୂଜାରୀ ମୁଖ୍ୟଅତିଥି, ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିଷଦର ବାର୍ଷିକ ମୁଖପତ୍ର ଶତରୂପା ଏବଂ ଲେଖିକା ସନ୍ତୋଷିନୀ ଦାଶଙ୍କ କବିତା ସଂକଳନ ଜୀବନ ସୌରଭ ପୁସ୍ତକକୁ ଉନ୍ମୋଚନ କରିଥିଲେ। ସାରସ୍ୱତ ସାଧକ ରାମକୃଷ୍ଣ ପୁରୋହିତ ଉନ୍ମୋଚିତ ପୁସ୍ତକର ସମୀକ୍ଷା କରିଥିଲେ। ପଦ୍ମପୁର ଅଞ୍ଚଳ କଲେଜର ଅଧ୍ୟାପିକା ତାପିନୀ ପଣ୍ଡା ମୁଖ୍ୟବକ୍ତା ଏବଂ ସାରସ୍ୱତ ସାଧିକା ସୁନନ୍ଦା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆଇନଜୀବୀ ଜୟଶ୍ରୀ ମହାପାତ୍ର ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସୁଷମା ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜଟାଧାରୀ ପ୍ରଧାନ, ପ୍ରଧାନ ଶିକ୍ଷକ ମେଘନାଦ ସାହୁ, ସମାଜସେବୀ ପ୍ରୀତମ ସିଂ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ଭଗବତୀ କର ଧନ୍ୟବାଦ ଅର୍ପଣ କରିଥିଲେ ।

## ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୬।୩**

ବରଗଡ଼ ଦୁର୍ଗାମନ୍ଦିର ହାଟପଦାର ମାତୃଶକ୍ତି ସେବା ସମିତି ପକ୍ଷରୁ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର, ହାଟପଦା ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେଓଗାଁ, କୁରୁଆଁ, ବରଗଡ଼, ସମ୍ବଲପୁର ଏବଂ ଜଡ଼ା ଗ୍ରାମର ୫ଜଣଙ୍କ ବ୍ରତୋପନୟନ କରାଯାଇଥିଲା। ପଣ୍ଡିତ ରତ୍ନାକର ଦେବତା ଓ ବୈଷ୍ଣବ ଷଡ଼ଙ୍ଗୀଙ୍କ ସମେତ ୧୧ଜଣ ପୂଜାର୍ଚ୍ଚନା କରିଥିଲେ। ମାତୃଶକ୍ତି ସେବା ସମିତିର ବନିତା ପ୍ରଧାନ, ସୁଜାତା ସିଂ, ରଶ୍ମି ଭୋଇ, ପଙ୍କଜିନୀ ପଟେଲ, ବିନୋଦିନୀ ବାଗ, ମମତା ଦାଶ, ସୁଷମା ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ୫୦ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଋଣ ପ୍ରଦାନ




ମେଳାରେ ଏସ୍ଏଚ୍ଜି ମହିଳାଙ୍କୁ ଋଣ ବାବଦ ଚେକ୍ ପ୍ରଦାନ କରାଯାଉଛି।

**ଡୁଙ୍ଗୁରିପାଲି, ୬।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଭାରତୀୟ ଷ୍ଟେଟ ବ୍ୟାଙ୍କ ଆନୁକୂଲ୍ୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟ ପଡିଆରେ ଗୁରୁବାର ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ନେଇ ଏକ ଋଣ ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ଡୁଙ୍ଗୁରିପାଲି ଷ୍ଟେଟ ବ୍ୟାଙ୍କ ସିଏମ୍ ପ୍ରସନ୍ନ ସୁନ୍ଦର ରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭୁବନେଶ୍ୱରୁ ଆସିଥିବା ଜେନେରାଲ ମ୍ୟାନେଜର ବିଜୋୟ କୁମାର କୁଜୁର, ସମ୍ମାନିତ ଅତିଥି ଡେପୁଟି ଜେନେରାଲ ମ୍ୟାନେଜର ମଦନ ମୋହନ ବରିଆର, ବଲାଙ୍ଗୀର ରିଜିଓନାଲ ମ୍ୟାନେଜର ଭରତ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ମେଳାରେ ଡୁଙ୍ଗୁରିପାଲି ଷ୍ଟେଟ ବ୍ୟାଙ୍କ ଅଧୀନ ୫୦ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବିଭିନ୍ନ ଯୋଜନାରେ ୧ କୋଟି ୧୮ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିଲା।

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
**Plot No. C/71, Sector-7, CDA, Cuttack-753014**
**FORM NO. ITCP-I**
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)
**R. P. No. 23/2020/CTC**
**(Arising out of OA No. 115 of 2014)**
**Next Date: 19.04.2021**

**United Bank of India, Chandrasekherpur Branch** ...Certificate Holder Bank
Vs.
**M/s. Seashore Agricultural Promotion Co. Pvt. Ltd. & Ors.** ...Certificate Debtors

To
1. M/s. Seashore Agricultural Promotion Co. Pvt. Ltd., Plot No.: 298/A. Saheed Nagar, Bhubaneswar.
2. Sri Prashanta Kumar Dash, S/O.: Sri Umesh Chandra Dash, Flat No.-205, N.A. Majestic, Jharpada, Bhubaneswar-751006
3. M/s. Seashore Securities Ltd., Plot NO.: B-58, Chandaka, Industrial Estate, Patia, P.O.-Kiit, Bhubaneswar, Represented through its Managing Director Sri Prashanta Kumar Dash, S/O.: Sri Umesh Chandra Dash, Khurda-751024

Take notice that Certificate arising out of **OA No. 115 of 2014** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 11,33,68,876.00 (Rupees Eleven Crore Thirty Three Lac Sixty Eight Thousand Eight Hundred Seventy Six Only)** together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. Decretal Dues | | :Rs. | 11,33,68,876.00 |
| 2. Cost allowed | (+) | :Rs. | 1,50,000.00 |
| 3. Interest @ 14.20% p.a. with yearly rests from 22.01.2014 to 12.04.2019 | | :Rs. | 8,41,08,564.10 |
| | Total | :Rs. | 19,76,27,440.10 |

(Rupees Nineteen Crore Seventy Six Lac Twenty Seven Thousand four Hundred Forty and Paise Ten only) with of interest **@ 14.20% p.a.** with yearly rests on the amount due from **13.04.2019** till realization of the entire Dues.

2. You are hereby directed to pay the above stated sum within **15 (Fifteen)** days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc., and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **19.04.2021** and report the details of payment made by you.

Given under my hand & seal at Cuttack on this **24th day of February, 2021.**
**Sd/- (R.P. Patnaik)**
**Recovery Officer**